୬ ଟିମ୍ ଇଣ୍ଡିଆ ଫିଲ୍ଡିଂ କୋଚ୍ ହୋଇପାରନ୍ତି ଜଣ୍ଟି ରୋଡ୍ସ



30 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୧୪୩ ● ୨୦ ଜୁନ୍ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-143 ● 20th June 2024, Thursday ● Bhubaneswar
Licensed to post without pre-payment of postage No- BN-60/22-24

## କେନ୍ଦ୍ର କ୍ୟାବିନେଟର ବଡ଼ ନିଷ୍ପତ୍ତି

# ୧୪ ଖରିଫ ଫସଲର ଏମଏସ୍‌ପି ଅନୁମୋଦିତ, ଧାନ କ୍ୱିଣ୍ଟାଲ ପିଛା ୨,୩୦୦ ଟଙ୍କା



**ନୂଆଦିଲ୍ଲୀ, ୧୯/୦୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ତାଙ୍କର ତୃତୀୟ କାର୍ଯ୍ୟକାଳର ଦ୍ୱିତୀୟ କ୍ୟାବିନେଟ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ସେ ସୂଚନା ଦେଇଛନ୍ତି ଯେ ଧାନ, ରାଗି, ମିଲେଟ, ବାଜରା, ମକା ଏବଂ କପା ସମେତ ୧୪ଟି ଖରିଫ ଫସଲ ଉପରେ ସର୍ବନିମ୍ନ ସହାୟତା ମୂଲ୍ୟ (ଏମଏସ୍‌ପି) ଅନୁମୋଦନ କରାଯାଇଛି। ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କୃଷକଙ୍କ କଲ୍ୟାଣ ପାଇଁ କ୍ୟାବିନେଟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଖରିଫ ଫସଲ ପାଇଁ ୧୪ ଫସଲ ଉପରେ କ୍ୟାବିନେଟ ଏମଏସ୍‌ପି ଅନୁମୋଦନ କରିଛି। ଧାନର ନୂତନ ଏମଏସ୍‌ପି ୨,୩୦୦ ଟଙ୍କା ହୋଇଛି। ଯାହା ପୂର୍ବ ଏମଏସ୍‌ପି ତୁଳନାରେ ୧୧୭ ଟଙ୍କା ଅଧିକ। ୨୦୨୩-୨୪ ମସିହାରେ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କାରୁ ୨୦୨୪-୨୫ରେ ୨,୩୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ସୂର୍ଯ୍ୟମୁଖୀ ମଞ୍ଜି ଉପରେ ଏମଏସ୍‌ପି କ୍ୱିଣ୍ଟାଲ ପିଛା ୯୮୩ ଟଙ୍କା ବୃଦ୍ଧି କରାଯାଇଛି । ରାଶି ଉପରେ ଏମଏସ୍‌ପି କ୍ୱିଣ୍ଟାଲ ପିଛା ୬୩୨ ଟଙ୍କା ବୃଦ୍ଧି କରାଯାଇଛି । ମସୁର ଏବଂ ହରଡ଼ ଡାଲି ଉପରେ ଏମଏସ୍‌ପି କ୍ୱିଣ୍ଟାଲ ପିଛା ୫୫୦ ଟଙ୍କା ବୃଦ୍ଧି କରାଯାଇଛି। କପା ଏମଏସ୍‌ପି ୫୦୧ ଟଙ୍କା ବୃଦ୍ଧି ପାଇଛି। କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ କୃଷକମାନେ ଏମଏସ୍‌ପି ଭାବରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ପାଇବେ। ଏହା ପୂର୍ବ ଋତୁ ତୁଳନାରେ ୩୫,୦୦୦ କୋଟି ଟଙ୍କା ଅଧିକ ବୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

ଅନ୍ୟ କ୍ୟାବିନେଟ ନିଷ୍ପତ୍ତିରେ ଭାରତର ପ୍ରଥମ ସାମୁଦ୍ରିକ ପବନ ଶକ୍ତି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହା ୧ ଜିଡବ୍ଲୁ ଅଫଶୋର ପବନ ପ୍ରକଳ୍ପ, ପ୍ରତ୍ୟେକ ୫୦୦ ମେଗାୱାଟ ଗୁଜୁରାଟ ଏବଂ ତାମିଲନାଡୁ ଉପକୂଳରେ ହେବ। ଏହା ଭାରତ ପାଇଁ ଏକ ବଡ଼ ସୁଯୋଗ ବୋଲି ବୈଷ୍ଣବ କହିଛନ୍ତି।

# ସାର୍ବଜନୀନ ହେବ ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ




**କଟକ, ୧୯/୦୬**
**ନ୍ୟୁଜ ବ୍ୟୁରୋ**

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ଆଉ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରତ୍ନଭଣ୍ଡାର ଚାବି ହଜିବା ଘଟଣାର ରିପୋର୍ଟ ସାର୍ବଜନୀନ ହେବ ବୋଲି ନିଷ୍ପତ୍ତି ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗର ତଦନ୍ତ ଜଷ୍ଟିସ ରଘୁବୀର ଦାସ କମିଶନ କରିଥିଲେ। ଏହି ରିପୋର୍ଟ ଏବେ ସାର୍ବଜନୀନ ହେବ। ଏନେଇ ହାଇକୋର୍ଟଙ୍କୁ ବୁଧବାର ଅବଗତ କରାଇଛନ୍ତି ରାଜ୍ୟ ସରକାର। ଆଗାମୀ କ୍ୟାବିନେଟ ବୈଠକରେ ରିପୋର୍ଟ ଉପସ୍ଥାପନ ହେବ ବୋଲି ଜଣାପଡ଼ିଛି। ସେହିପରି ୩ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ପୂରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। କେଉଁ ପରିସ୍ଥିତିରେ ଚାବି ହଜିଲା, ତା'ର ତଦନ୍ତ ପାଇଁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଶନ ଗଠନ କରାଯାଇଥିଲା। କମିଶନ ତଦନ୍ତ କରିବା ପରେ ନିର୍ଦ୍ଧାରିତ ସମୟରେ ତାଙ୍କ ରିପୋର୍ଟ ଦାଖଲ କରିଥିଲେ।

କୋର୍ଟ ଅଫ ଇନକ୍ୱାରୀ ଆକ୍ଟ ଅନୁସାରେ, ରିପୋର୍ଟକୁ ସାର୍ବଜନୀନ କରିବାର ଆବଶ୍ୟକ ରହିଛି। ଅର୍ଥାତ ଏହା ରାଜ୍ୟ ବିଧାନସଭାରେ ଉପସ୍ଥାପନ ହେବା କଥା। କିନ୍ତୁ ପୂର୍ବରୁ କ୍ଷମତାରେ ଥିବା ବିଜେଡି ସରକାର ଏହା ଉପରେ କୌଣସି ପ୍ରକାରର ପଦକ୍ଷେପ ନେଇ ନଥିଲେ। ତେଣୁ ରାଜ୍ୟବ୍ୟାପୀ ପ୍ରବଳ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଶେଷରେ ହାଇକୋର୍ଟରେ ମାମଲା ପହଞ୍ଚିଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀ ଦିଲ୍ଲୀପ ବରାଳ ଏନେଇ ହାଇକୋର୍ଟରେ ମାମଲା କରିଥିଲେ।

ଗତ ଏପ୍ରିଲ ମାସ ୫ ତାରିଖରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଗୋଟିଏ ସତ୍ୟପାଠ ଦାଖଲ କରି କହିଥିଲା ଯେ ଖୁବ୍‌ଶୀଘ୍ର ନିର୍ବାଚନ ହେବାକୁ ଯାଉଛି ଓ ଜୁନ୍ ମାସରେ ନୂଆ ସରକାର ଗଠନ ହେବ। ଏହାପରେ ନୂଆ ସରକାରର ପ୍ରଥମ କ୍ୟାବିନେଟ ବୈଠକରେ ରିପୋର୍ଟକୁ ଉପସ୍ଥାପନ କରି ସାର୍ବଜନୀନ କରାଯିବ। ସତ୍ୟପାଠ ଏପ୍ରିଲ ୫ରେ ଦାଖଲ *(ପୃଷ୍ଠା ୭ରେ)*

## ବଜେଟ ପ୍ରସ୍ତୁତି ପାଇଁ ଜନସାଧାରଣଙ୍କ ଠାରୁ ମତାମତ ଆହ୍ୱାନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୯/୦୬**
**ନ୍ୟୁଜ ବ୍ୟୁରୋ**

ଆଗାମୀ ରାଜ୍ୟ ବଜେଟ୍ ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀ ତଥା ଅର୍ଥ ମନ୍ତ୍ରୀ ମୋହନ ଚରଣ ମାଝୀ ଜନ ସାଧାରଣଙ୍କ ଠାରୁ ମତାମତ ଓ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଏଥିପାଇଁ ଅର୍ଥ ବିଭାଗ ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ ଜରିଆରେ, ଇ-ମେଲ, ହ୍ୱାଟସଆପ୍ ଓ ଏସଏମଏସ୍ ମାଧ୍ୟମରେ ମତାମତ ସଂଗ୍ରହ କରିବାକୁ ଯୋଜନା କରାଯାଇଛି।

ବର୍ତ୍ତମାନ ୨୦୨୪-୨୫ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତି ପାଇଁ ଅର୍ଥ ବିଭାଗ ଜନସାଧାରଣଙ୍କଠାରୁ ମତାମତ ସଂଗ୍ରହ କରିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଢାଞ୍ଚାରେ ପରାମର୍ଶ ଆହ୍ୱାନ କରାଯାଇଛି। ଯାହାକି ୱେବ୍-ପୋର୍ଟାଲ https://budget.odisha.gov.in/ରେ ଉପଲବ୍ଧ। ଏହି ପରାମର୍ଶ ଗୁଡିକ ଇ-ମେଲ ଦ୍ୱାରା odisha.budget@gov.in ଠିକଣାରେ ପଠାଇ ପାରିବେ। ସେହିପରି, ବଜେଟ୍ ସମ୍ବନ୍ଧୀୟ ମତାମତ ହ୍ୱାଟସଆପ୍ ମାଧ୍ୟମରେ (+୯୧) ୯୪୩୮୧୬୧୧୧୧ ମୋବାଇଲ ନମ୍ବରକୁ ଏବଂ ସାମାଜିକ ଗଣମାଧ୍ୟମ ଏକ୍ସ, ଫେସବୁକ୍ ଓ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ରତ୍ନଭଣ୍ଡାର ଖୋଲିବା ନେଇ କୌଣସି ନିଷ୍ପତ୍ତି ହୋଇନି: ଆଇନ୍ ମନ୍ତ୍ରୀ

**ଭୁବନେଶ୍ୱର, ୧୯/୦୬**
**ନ୍ୟୁଜ ବ୍ୟୁରୋ**

ଜୁଲାଇ ୮ ତାରିଖରେ ଖୋଲିବ ନାହିଁ ରତ୍ନଭଣ୍ଡାର । ରତ୍ନଭଣ୍ଡାର ଖୋଲିବା ନେଇ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ଛତିଶା ନିଯୋଗ ବୈଠକରେ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ବିଶୃଙ୍ଖଳିତ ଭାବରେ ଜଣେ ଏଏସଆଇ ଅଧିକାରୀ ଏ ବାବଦରେ ଭ୍ରାନ୍ତ ବିବୃତି ଦେଇଛନ୍ତି। ତାଙ୍କ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ନେବେ। ରତ୍ନଭଣ୍ଡାର ଖୋଲିବା ଉପରେ ସରକାର ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଅଛନ୍ତି ଏବଂ ଏବାବଦରେ ସରକାର ନିଷ୍ପତ୍ତି ନେବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ, ଜୁଲାଇ ୮ରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ନେଇ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡିବି ଗଡ଼ନାୟକ ସୂଚନା ଦେଇଥିଲେ। ରଥଯାତ୍ରା ପରଦିନ ଅର୍ଥାତ ୮ରେ ଖୋଲାଯିବ ରତ୍ନଭଣ୍ଡାର ବୋଲି ସେ କହିଥିଲେ। ଖବର ଅନୁଯାୟୀ, ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥ ଲେଜର ସ୍କାନିଂ କରାଯାଇଛି।



ଏହି ଲେଜର ସ୍କାନିଂରେ ରତ୍ନଭଣ୍ଡାର କାନ୍ଥରେ କ୍ରାକ୍ ରହିଥିବା ଜଣାପଡିଛି। ଏପରି ହୋଇଥିଲେ ପାଣି ଜକଉଥାଇପାରେ । ଏଣୁ ଏଏସ୍‌ଆଇ ଟିମ୍ ପ୍ରଥମେ ଅନୁଧ୍ୟାନ କରିବା ପରେ ରତ୍ନଭଣ୍ଡାର ମରାମତି କରାଯିବ। ପରବର୍ତ୍ତୀ ସମୟରେ ଅଳଙ୍କାର କଥା ବିଚାର ହେବ ବୋଲି ଏଏସଆଇ ସୁପରିଟେଣ୍ଡେଣ୍ଟ ଡି.ବି. ଗଡନାୟକ କହିଥିଲେ। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଆଇନ୍ ମନ୍ତ୍ରୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

# ବାଚସ୍ପତି ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କଲେ ସୁରମା ପାଢୀ

**ଭୁବନେଶ୍ୱର, ୧୯/୦୬**
**ନ୍ୟୁଜ ବ୍ୟୁରୋ**

ରଣପୁର ବିଧାୟିକା ସୁରମା ପାଢୀ ହେବେ ବାଚସ୍ପତି। ବୁଧବାର ବିଜେପି ବିଧାୟକ ଦଳର ବୈଠକରେ ବାଚସ୍ପତି ପଦ ଲାଗି ଶ୍ରୀମତୀ ପାଢୀଙ୍କ ନାମ ଚୟନ କରାଯିବା ପରେ ସେ ବିଧିବଦ୍ଧ ଭାବେ ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତାଙ୍କର ପ୍ରାର୍ଥୀପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମେତ ଦଳୀୟ ବିଧାୟକ ଓ ମନ୍ତ୍ରୀମାନେ ଉପସ୍ଥିତ ଥିଲେ।

ବୁଧବାର ବାଚସ୍ପତି ପ୍ରାର୍ଥୀ ପାଇଁ ବିଜେପିର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସର୍ବସମ୍ମତ କ୍ରମେ ଶ୍ରୀମତୀ ପାଢୀଙ୍କ ନାମ ଉପରେ ମୋହର ଲାଗିଥିଲା। ବିଧାୟକ ଦଳ ବୈଠକ ପରେ ବାଚସ୍ପତି ପଦ ଲାଗି ସୁରମା ପାଢୀଙ୍କ ନାମ ଘୋଷଣା କରାଯାଇଥିଲା। ବିଧାନସଭାରେ ବିଜେପିର ଆବଶ୍ୟକୀୟ ସଂଖ୍ୟା ଥିବାରୁ ଶ୍ରୀମତୀ ପାଢୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି। ଏଣେ ବିରୋଧୀ ଦଳ ପକ୍ଷରୁ ବାଚସ୍ପତି ପଦ ଲାଗି ଆଉ କେହି ନାମାଙ୍କନ ଦାଖଲ କରିନଥିବାରୁ ଶ୍ରୀମତୀ ପାଢୀ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ଜଣାପଡିଛି। କେବଳ ଔପଚାରିକ ଘୋଷଣା ହେବା ବାକି ରହିଛି। ସୂଚନାଯୋଗ୍ୟ, ରଣପୁର ବିଧାୟିକା ସୁରମା ପାଢୀ ୨୦୦୪ରୁ ୨୦୦୯ ଯାଏଁ ମେଣ୍ଟ ସରକାରରେ ମନ୍ତ୍ରୀ ଥିଲେ।



# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨୨ ଓଏସ୍ଏସ୍ ଅଧିକାରୀ ଅପସାରିତ



**ଭୁବନେଶ୍ୱର, ୧୯/୦୬**
**ନ୍ୟୁଜ ବ୍ୟୁରୋ**

ନୂଆ ସରକାର ଗଠନ ହୋଇଛି, ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ମୋହନ ଚରଣ ମାଝୀ। ରାଜ୍ୟରେ ବିଜେପି ସରକାର ଗଠନ ପରେ ବିଭିନ୍ନ ବିଭାଗର ସମୀକ୍ଷା ଜୋରଦାର ଚାଲିଛି। ଏସବୁ ଭିତରେ ନୂଆ ମୁଖ୍ୟମନ୍ତ୍ରୀ ରାଜ୍ୟ ଅତିଥି ଭବନରୁ ସରକାର ଚଳାଇଛନ୍ତି। ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ରାଜ୍ୟ ଅତିଥି ଭବନରେ ୱାନ୍-ଟୁ-ୱାନ୍ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ। ଏସବୁ ଭିତରେ ମୁଖ୍ୟମନ୍ତ୍ରୀଙ୍କ ଅଫିସର ନବକଳେବର ହେବାକୁ ଯାଉଛି।

ମୁଖ୍ୟମନ୍ତ୍ରୀଙ୍କ ଅଫିସରେ କାର୍ଯ୍ୟରତ ଥିବା ଓଏସଏସ କ୍ୟାଡର ଅଧିକାରୀଙ୍କୁ ବଦଳି କରାଯାଇଛି। ୨୨ ଜଣ ଓଏସଏସ ଅଧିକାରୀଙ୍କୁ ସିଏମଓରୁ ଅପସାରଣ କରାଯାଇଛି। ସେମାନଙ୍କୁ ନିଜ ବିଭାଗକୁ ବଦଳି କରାଯାଇଛି। ଓଏସଏସ କ୍ୟାଡରର ଅନେକ ଅଧିକାରୀ ବଦଳି ହୋଇଥିବା ବେଳେ ଆହୁରି ଅନେକ ପୁରୁଣା ଅଧିକାରୀ ସିଏମଓରେ ରହିଛନ୍ତି। ତେଣୁ ସେମାନଙ୍କୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟ କରିବେ ନା ସେମାନଙ୍କୁ ମଧ୍ୟ ବଦଳି କରାଯିବ ତାହା ଉପରୁ ପରଦା ହଟିନି।

# ବିରୋଧୀ ଦଳର ନେତା ହେବେ ନବୀନ ପଟ୍ଟନାୟକ




**ଭୁବନେଶ୍ୱର, ୧୯/୦୬**
**ନ୍ୟୁଜ ବ୍ୟୁରୋ**

ବିରୋଧୀ ଦଳ ନେତା ହେବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ବୁଧବାର ନବନିର୍ବାଚିତ ବିଜେଡି ବିଧାୟକ ଦଳ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶଙ୍ଖ ଭବନରେ ଅନୁଷ୍ଠିତ ବୈଠକ ଶେଷରେ ଦଳର ସଭାପତି ଶ୍ରୀ ପଟ୍ଟନାୟକ ନିଜେ ଏସମ୍ପର୍କରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ବୁଧବାର ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗରେ ଆଲୋଚନା ହୋଇଥିଲା। ବିଧାୟକ ଦଳ ବୈଠକରେ ତାଙ୍କୁ ନେତା ନିର୍ବାଚିତ କରାଯାଇଛି। ସେହିପରି ବିଧାନସଭାରେ ବିରୋଧି ଦଳର ଉପନେତା ଭାବେ ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ବିଞ୍ଝାରପୁରର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ବିରୋଧୀ ଦଳର ମୁଖ୍ୟ ସଚେତକ ଭାବେ ଏବଂ ଆଳି ବିଧାୟକ ପ୍ରତାପ ଦେବଙ୍କୁ ବିରୋଧୀ ଦଳ ଉପମୁଖ୍ୟ ସଚେତକ ଭାବେ ମନୋନିତ କରାଯାଇଛି।

ଦୀର୍ଘ ୨୪ ବର୍ଷ ଧରି ଶାସନ କ୍ଷମତାରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ବିରୋଧୀ ଦଳ ନେତା ଆସନରେ ବସିବାକୁ ଯାଉଛନ୍ତି। ୨୪ ବର୍ଷ ଧରି ଶାସନ କରିଥିବା ବିଜେଡି ସରକାର କ୍ଷମତାଚ୍ୟୁତ ହେବା ପରେ ବୁଧବାର ବିରୋଧୀ ଦଳ ନେତା ବାଛିବାକୁ ବୈଠକ ଅନୁଷ୍ଠିତ ହୋଇଥିଲା। ଶଙ୍ଖଭବନରେ ଆୟୋଜିତ ବୈଠକରେ ଦଳୀୟ ବିଧାୟକମାନେ *(ପୃଷ୍ଠା ୭ରେ)*

## ଏକାଳ ସକାଳ



ସର୍କାର ଆମ ସବୁ ବୁଝୁଛନ୍ତି
ରହନି ସନ୍ଦେହ ଘେରେ
ପୁରୁଣା ଯୋଜନା ରହିବ କି ନାହିଁ
ଜାଣିଯିବ ଧୀରେ ଧୀରେ
ରୁହନାହିଁ ଜମା ଡରେ
ଜନତା ମଙ୍ଗଳ ମୁଖ୍ୟ ପ୍ରସଙ୍ଗ
ବାକି ଯେତେ ସବୁ ପରେ

# ପ୍ରବଳ ଉତ୍ତାପ ହେତୁ ମକ୍କାରେ ଗଲାଣି ୫୭୭ରୁ ଅଧିକ ହଜ୍ ତୀର୍ଥଯାତ୍ରୀଙ୍କ ଜୀବନ



**ଜେରୁଜେଲମ୍, ୧୯/୦୬**

ଚଳିତବର୍ଷ ଗରମ ହେତୁ ଅନେକ ଜୀବନ ଗଲାଣି। ସାଉଦଆରବ ସ୍ଥିତ ମକ୍କାରେ ହଜ୍ ସମୟରେ ଅତି କମରେ ୫୭୭ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି ବୋଲି କୂଟନୀତିଜ୍ଞମାନେ କହିଛନ୍ତି। ତାପପାତ୍ରା ପାଖାପାଖି ୫୨ ଡିଗ୍ରୀ ହୋଇଥିବା ବେଳେ ଅନେକ ଜୀବନ ଅକ୍ଲେଶରେ ଚାଲିଯାଇଛି।

ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରୁ ଅତି କମରେ ୩୨୩ ଜଣ ମିଶରୀୟ ଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଉତ୍ତାପ ହେତୁ ମୃତ୍ୟୁ ବରଣ କରିଛନ୍ତି ବୋଲି ଜାଣିବାକୁ ମିଳିଛି। ଦୁଇ ଆରବ କୂଟନୀତିଜ୍ଞ ସେମାନଙ୍କ ପ୍ରତିକ୍ରିୟା ଦେଇଛନ୍ତି। ଭିଡ଼ ଜମିବା ହେତୁ ସାଂଘାତିକ ଆହତ ହୋଇଥିବା ଜଣେ ପିଲାକୁ ବାଦ୍ ଦେଲେ ସମସ୍ତ ଲୋକ (ମିଶରୀୟ) ଉତ୍ତାପ ହେତୁ ମୃତ୍ୟୁ ବରଣ କରିଛନ୍ତି ବୋଲି କୂଟନୀତିଜ୍ଞ କହିଛନ୍ତି। ମୋଟ ମୃତ୍ୟୁ ସଂଖ୍ୟା ମକ୍କାର ଅଲ-ମୁଏସେମ ପଡ଼ିଆରେ ଥିବା ହସ୍ପିଟାଲ ମର୍ଗରୁ ଆସିଛି। କୂଟନୀତିଜ୍ଞମାନେ କହିଛନ୍ତି ଯେ ଅତିକମରେ ୬୦ ଜଣ ଜୋର୍ଡାନୀୟ ମଧ୍ୟ ଏଥିରେ ମୃତ୍ୟୁ ବରଣ କରିଛନ୍ତି। ପୂର୍ବରୁ ୪୧ ଜଣ ଜୋର୍ଡାନୀୟଙ୍କ ଜୀବନ ହାନୀ ସଂପର୍କରେ ଖବର ଆସିଥିଲା। ଏକ ନୂତନ ରିପୋର୍ଟ ଅନୁଯାୟୀ, ବିଭିନ୍ନ ଦେଶର ଲୋକଙ୍କୁ ମିଶାଇଲେ ସମୁଦାୟ ମୃତ୍ୟୁ ସଂଖ୍ୟା ୫୭୭ ଛୁଇଁଛି। *(ପୃଷ୍ଠା ୭ରେ)*

# ବିଧାନସଭାରେ ଶପଥ ନେଲେ ୧୪୭ ବିଧାୟକ



**ଭୁବନେଶ୍ୱର, ୧୯/୦୬**
**ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ଆରମ୍ଭ ହୋଇଥିବା ନବନିର୍ବାଚିତ ବିଧାୟକଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଛି। ବିଧାନସଭାରେ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନୂତନ ବିଧାୟକମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ମଙ୍ଗଳବାର ପ୍ରଥମେ ମୁଖ୍ୟମନ୍ତ୍ରୀ ତଥା କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ବିଧାନସଭାର ସଦସ୍ୟଭାବେ ଶପଥ ନେଇଥିବା ବେଳେ ବୁଧବାର ଏହି ଶପଥ ଗ୍ରହଣର ଶେଷ ପର୍ଯ୍ୟାୟରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବିଧାୟକ ସନାତନ ମହାକୁଡ ଶପଥ ନେଇଥିଲେ। ମଙ୍ଗଳବାର ୧୦୨ଜଣ ଶପଥ ନେଇଥିବା ବେଳେ ବୁଧବାର ଅବଶିଷ୍ଟ ୪୫ଜଣଙ୍କୁ ବିଧାନସଭା ସଦସ୍ୟଭାବେ ଶପଥପାଠ କରାଇଥିଲେ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୦ ଜୁନ୍, ଗୁରୁବାର, ୨୦୨୪





## ଚିନ୍ତା ବଢ଼ାଉଛି ଜାତୀୟ ରାଜପଥ ୨୦

# ବଢୁଛି ଦୁର୍ଘଟଣା ହେଲେ ବିଭାଗ ନିରବଦ୍ରଷ୍ଟା

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଲାଇଫ୍‌ଲାଇନ୍ କୁହାଯାଉଥିବା ଜାତୀୟ ରାଜପଥ ୨୦ ଉପରେ ସବୁ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ଏହି ରାସ୍ତାରେ ହଜାର ହଜାର ମୁଣ୍ଡ ଗଡ଼ି ଚାଲିଛି। ଏହି ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀମାନଙ୍କ ବେପରୁଆ ମନୋଭାବ। ସଠିକ୍ ସମୟରେ ରାସ୍ତା ମରାମତି କରାଯାଉନଥିବା କାରଣରୁ ଅନେକ ଦୁର୍ଘଟଣା ଘଟୁଛି। ବାରମ୍ବାର ଅଭିଯୋଗ ପରେ ତଥା ଗଣମାଧ୍ୟମର ପୃଷ୍ଠା ମଣ୍ଡନ ହେବା ପରେ ମଧ୍ୟ ଏହି ରାସ୍ତାର ମରାମତି ନ କରାଯିବା ଉପରେ ପଦକ୍ଷେପ ନ ନେଇ ବିଭାଗ ଚୁପ୍ ବସିବା ଓ ଜାତୀୟ ରାଜପଥର ଠିକାଦାରଙ୍କ ଖରାପ ମାନର କାର୍ଯ୍ୟକୁ ଘଣ୍ଟ ଘୋଡ଼ାଇବା ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ସନ୍ଦେହକୁ



ଦୃଢ଼ୀଭୂତ କରିଥାଏ। ନେଙ୍କଡ଼ାଘର ଛକ ଠାରୁ ଆରମ୍ଭ କରି ଗୋପାଳପୁର ପୋଲ, ବଡ଼ପଣି ପାଖ ରାସ୍ତା, ଚନ୍ଦପଶି ପାଖ ରାସ୍ତା କିମ୍ବା ବାଙ୍କପାଟୁଳି ଛକ ସବୁଠାରେ ରାସ୍ତା ଖରାପ ଥିବା ଦେଖିବାକୁ ମିଳିବ। ଏହି ସ୍ଥାନମାନଙ୍କରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଥିବା ଦେଖାଯାଏ। ହେଲେ ଏସବୁ ଦୁର୍ଘଟଣାର ହିସାବ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କୁ ଦେଖା ଯାଏନାହିଁ। ପ୍ରତି ସମୟରେ ବିଭାଗ ତରଫରୁ ରାସ୍ତାର ନିରୀକ୍ଷଣ କରିବା ନିୟମ ଥିବା ବେଳେ ଜାତୀୟ ରାଜପଥ ପ୍ରାଧିକରଣ ତରଫରୁ କି ପ୍ରକାର ନିରୀକ୍ଷଣ କରାଯାଉଛି ବୋଲି ପ୍ରଶ୍ନ ଉଠୁଛି। ବାଙ୍କପାଟୁଳି ଛକ ନିକଟରେ ପ୍ରତି ସମୟରେ ରାସ୍ତା ଖରାପ ହେଉଥିବା ଯୋଗୁ ଦୁର୍ଘଟଣା ଘଟୁଛି। ଏଠାରେ କୌଣସି ସ୍ଥାୟୀ ପ୍ରତିକାର କରା ନଯାଇ କେତେବେଳେ କ୍ରସର ଡଷ୍ଟ ତ କେତେ ବେଳେ ମରମ ପୁଣି କେତେବେଳେ ଆଣି ପିଚୁ ଢାଳି ପକାଇ ଦେଉଛନ୍ତି। ଏହି ରାସ୍ତାରେ ଖଣିଜ ପରିବହନ କରୁଥିବା ଭରିଯାନ ଯାଉଥିବା ବେଳେ ଜାତୀୟ ରାଜପଥ ଉପରେ ପେଭର ବ୍ଲକ୍ ପକାଇ ଏବେ ରାସ୍ତାକୁ ଆହୁରି ଦୁର୍ଘଟଣା ପ୍ରବଣ କରି ଦିଆଯାଇଥିବା ଅଭିଯୋଗ ହେଉଛି ହେଲେ ବିଭାଗୀୟ ଯନ୍ତ୍ରୀ ଏସବୁ ପ୍ରତି ନିରବଦ୍ରଷ୍ଟା ଗୋଟିଏ ପଟେ ଜୀବନ ବାଜି ଲାଗୁଛି। ଅନ୍ୟପଟେ ମରାମତି ନାମରେ ଠିକାଦାର ମଲେମାଲ କେବେ ଯେ ଜାତୀୟ ରାଜପଥ ପ୍ରାଧିକରଣର ନିଦ ଭାଙ୍ଗିବ ତାହାର ଅପେକ୍ଷା। ଏବେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆଉ କେନ୍ଦୁଝର ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। କେବେ ଜାତୀୟ ରାଜପଥ ୨୦ର ଭାଗ୍ୟ ପରିବର୍ତ୍ତନ ହେବ ଆଉ ଜିଲ୍ଲାବାସୀଙ୍କ ବାଜି ପଡୁଥିବା ଜୀବନ ବଞ୍ଚିବ ତାକୁ ଦେଖିବା ବାକି ରହିଲା।

## ମାଙ୍କଡ଼ ଆକ୍ରମଣ ୧୦ରୁ ଉର୍ଦ୍ଧ୍ୱ ଗୁରୁତର

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ଥାନା ଅନ୍ତର୍ଗତ ଖଡ଼ିପଦା ପଞ୍ଚାୟତର ଦଣକୁରୁଆ ଗ୍ରାମର ମାଙ୍କଡ଼ ଆକ୍ରମଣରେ ୧୦ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ୩ ଜଣ ମହିଳା ଯାଜପୁର ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଗୁରୁତର ଆହତ ହୋଇ ୨ ଜଣ ମହିଳା କଟକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମାଙ୍କଡ଼ ଆକ୍ରମଣ ପାଇଁ ଗାଁରେ ମହିଳାମାନଙ୍କ ଠାରୁ ଆରମ୍ଭ କରି ପିଲାମାନେ ଘରୁ ବାହାରୁ ନାହାନ୍ତି। ଦକ୍ଷିଣକୁରୁଆ ଗ୍ରାମରେ ଆତଙ୍କ ଖେଳାଇଥିବା ମାଙ୍କଡ଼ ଭୟରେ ପୁରୁଷମାନେ ହାତରେ ବାଡ଼ି ଧରି ମାଙ୍କଡ଼ ଘୋଡ଼ାଇବା ପାଇଁ ଉଦ୍ୟମ କରୁଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ବନବିଭାଗକୁ ଖବର ଦେବାପରେ ଘଟଣା ସ୍ଥଳରେ ବନବିଭାଗର କର୍ମଚାରୀ ପହଞ୍ଚି ମାଙ୍କଡ଼କୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଅଧିକ ଗୁଳୁଗୁଳି ଓ ଗରମ ପାଇଁ ମାଙ୍କଡ଼ ଗଛରେ ରହି ପାରୁନାହାନ୍ତି ଫଳରେ ତଳକୁ ଆସି ଏପରି କାଣ୍ଡ କରୁଛନ୍ତି। ତେବେ ମାଙ୍କଡ଼କୁ ଘଉଡ଼ାଇବା ବ୍ୟବସ୍ଥା କରାଯାଉଛି ବୋଲି ବନ ବିଭାଗର କର୍ମଚାରୀମାନେ ସୂଚନା ଦେଇଛନ୍ତି।

# ବିବାହ କଲେ ନବୀନଙ୍କ ପୁତୁରା ଅରୁଣ ପଟ୍ଟନାୟକ; ନେଦରଲ୍ୟାଣ୍ଡରେ ପଡ଼ିଲା ହାତଗଣ୍ଠି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନାତି ତଥା ନବୀନ ପଟ୍ଟନାୟକଙ୍କ ପୁତୁରା ଅରୁଣ ପଟ୍ଟନାୟକ ମଙ୍ଗଳବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ବିଜୁ ପଟ୍ଟନାୟକଙ୍କ ବଡ଼ ପୁଅ ପ୍ରେମ୍ ପଟ୍ଟନାୟକଙ୍କ ଏକମାତ୍ର ସନ୍ତାନ, ଅରୁଣ ପଟ୍ଟନାୟକ ନେଦରଲ୍ୟାଣ୍ଡରେ ବିବାହ କରିଛନ୍ତି। ସାତଜନ୍ମ ପାଇଁ ବୈବାହିକ ଜୀବନ ଆରମ୍ଭ କରିଛନ୍ତି ଅରୁଣ। ନିଜ ଇନ୍‌ଷ୍ଟାଗ୍ରାମରେ ବିବାହ ବେଳର ଫୋଟୋ ସେୟାର କରିଛନ୍ତି ଅରୁଣ। ବିବାହ ସମୟରେ ବାପା ପ୍ରେମ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳୁଛି । ନିକଟରେ ଅରୁଣ ଭୁବନେଶ୍ୱର ଆସିଥିଲେ। ବିବାହ ପୂର୍ବରୁ ଦାଦା ନବୀନଙ୍କୁ ନିମନ୍ତ୍ରଣ ଦେବା ପାଇଁ ସେ ବୋଧହୁଏ ନବୀନ ନିବାସ ଆସିଥିଲେ।

ଅରୁଣଙ୍କୁ ନେଇ ଏବେ ବିଭିନ୍ନ ଚର୍ଚ୍ଚ ଲାଗି ରହିଛି। ଓଡ଼ିଶାକୁ ଫେରି ଆଗକୁ ନବୀନଙ୍କ ଉତ୍ତରାଧିକାରୀ ଭାବେ ଅରୁଣ ବିଜୁ ଜନତା ଦଳର ମଙ୍ଗ ଧରିପାରନ୍ତି ବୋଲି ଚର୍ଚ୍ଚା ଲାଗି ରହିଛି। ଯେହେତୁ ନବୀନ ଅବିବାହିତ, ତାଙ୍କର ପରବର୍ତ୍ତୀ ଦାୟାଦ ଭାବରେ ନବୀନ ନିବାସରେ ଅରୁଣ ରାଜନିତୀର ଇନିଂସ ଆରମ୍ଭ କରିପାରନ୍ତି ବୋଲି ବିଜେଡିରେ ମଧ୍ୟ ଚର୍ଚ୍ଚା ଓ ଆଲୋଚନା ଜୋର ଧରିଛି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ପାଣ୍ଡିଆନଙ୍କ ଭୂମିକାକୁ ନେଇ ବିରୋଧୀ ସମେତ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ହେଲେ ଜାତୀୟ ଗଣମାଧ୍ୟମ ସଂସ୍ଥା ଏଏନ୍‌ଆଇକୁ ପ୍ରତିକ୍ରିୟା ଦେଇ ନବୀନ କହିଥିଲେ ପାଣ୍ଡିଆନ ମୋ ଉତ୍ତରାଧିକାରୀ ନୁହଁନ୍ତି । ତା' ପରଠୁ ଅରୁଣଙ୍କ କଥା ଉଠିଲା। ଅରୁଣ ଓଡ଼ିଶା



ରାଜନିତୀରେ ପ୍ରବେଶ କରିବେ ବୋଲି ନବୀନଙ୍କ ଅନୁଗତ, ବିଜେଡି କର୍ମୀ ଓ ପ୍ରଶଂସକଙ୍କ ମଧ୍ୟରେ ଏକ ଆଶ୍ୱସ୍ତିଭାବ ସୃଷ୍ଟି ହୋଇଛି ।

ସୂଚନା ଥାଉ କି, ବିଜୁ ପଟ୍ଟନାୟକଙ୍କ ଦୁଇ ପୁଅ ଏବଂ ଗୋଟିଏ ଝିଅ । ବଡ଼ ପୁଅ ପ୍ରେମ ପଟ୍ଟନାୟକ ଜଣେ ଶିଳ୍ପପତି, ସେ ନିଜ ପରିବାରକୁ ନେଇ ଦିଲ୍ଲୀରେ ରୁହନ୍ତି । ସାନ ପୁଅ ନବୀନ ପଟ୍ଟନାୟକ ଦେଶର ସବୁଠୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ନବୀନ ଏବେ ବିଜେଡି ଦଳର ସୁପ୍ରିମୋ। ବିଜୁ ପଟ୍ଟନାୟକଙ୍କର ଏକମାତ୍ର ଝିଅ ଗୀତା ମେହେଟ୍ଟା ଭାରତର ଜଣେ ଆଗ ଧାଡ଼ିର ଲେଖିକା, ଔପନ୍ୟାସିକ ଭାବେ ଦେଶ ବିଦେଶରେ ସୁପରିଚିତ। ଯଦିଓ ଗୀତା ଏବେ ନାହାଁନ୍ତି, ହେଲେ ଗୀତାଙ୍କ ହୃଦୟସ୍ପର୍ଶୀ ଲେଖା ତାଙ୍କୁ ସବୁଦିନ ପାଇଁ ସାହିତ୍ୟ ଜଗତରେ ଅମର କରି ରଖିବ।

# ଜଳେଶ୍ୱରରେ ଏଡ୍‌ସ ନେଲାଣି ୧୯ ଜୀବନ : ୧୩୫ ଆକ୍ରାନ୍ତ

## ୨୫ରୁ ୪୯ ବର୍ଷ ମଧ୍ୟରେ ୭୭ ପ୍ରତିଶତ ରୋଗୀ, ସଭାସମିତିରେ ସୀମିତ ଏଚ୍‌ଆଇଭି ମୁକାବିଲା

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜୀବନ ନେଉଛି ଏଡ୍‌ସ। ଏହି ମାରାତ୍ମକ ରୋଗଠାରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ତଥାପି ଭୟାବହତା କମୁନି। ଏହି ରୋଗ ଯୋଗୁଁ ବାଲେଶ୍ୱର ଜିଲ୍ଲା ଅଧୀନ ଜଳେଶ୍ୱରରେ ଏଯାଏ ଅନେକ ଲୋକଙ୍କ ଜୀବନ ଯାଇଛି। ସେହିପରି ଶତାଧିକ ଲୋକ ପୀଡ଼ିତ ଅଛନ୍ତି। ରୋଗକୁ ପ୍ରତିରୋଧ କରିବା ପାଇଁ ସରକାର ନାନା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। କିନ୍ତୁ ସେଗୁଡ଼ିକର କିଛି ପ୍ରଭାବ ପଡୁ ନଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ; ୨୦୦୯ ମସିହାରେ ପ୍ରଥମ କରି ଜଳେଶ୍ୱରରେ ୨୫ ଜଣ ଏଡ୍?ସ ରୋଗୀ ଚିହ୍ନଟ ହୋଇଥିଲେ। ସେହିପରି ୨୦୧୦ ମସିହାରେ ୨୩ ଜଣ, ୨୦୧୧ ମସିହାରେ ୧୭ ଜଣ, ୨୦୧୨ ମସିହାରେ ୨୧ ଜଣ, ୨୦୧୩ ମସିହାରେ ୧୧ ଜଣ, ୨୦୧୪ ମସିହାରେ ୭ ଜଣ, ୨୦୧୫ ମସିହାରେ ୪ ଜଣ, ୨୦୧୭ ମସିହାରେ ୭ ଜଣ, ୨୦୧୮ ମସିହାରେ ୯ ଜଣ, ୨୦୧୯ ମସିହାରେ ୧୭ ଜଣ, ୨୦୨୦ ମସିହାରେ ୬ ଜଣ, ୨୦୨୧ ମସିହାରେ ୬ ଜଣ, ୨୦୨୨ ମସିହାରେ ୧୦ ଜଣ ଏବଂ ୨୦୨୩ ମସିହାରେ ୬ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଏବେ ଏଠାରେ ମୋଟ ୧୭୬ ଜଣ ଏଡ୍‌ସ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଏହା ସହିତ ଜଳେଶ୍ୱରର ୨୨ ଜଣ ଆକ୍ରାନ୍ତ ବାହାର ରାଜ୍ୟରେ ରହୁଛନ୍ତି। ଅନ୍ୟପଟେ ଚିହ୍ନଟ ରୋଗୀଙ୍କ ମଧ୍ୟରୁ ୧୯ ଜଣଙ୍କ ପ୍ରାଣ ମଧ୍ୟ ଯାଇସାରିଛି। ସବୁଠାରୁ ଅଧିକ ଚିନ୍ତାର ବିଷୟ; ୭୭ ପ୍ରତିଶତ ଏଡ୍‌ସ ରୋଗୀଙ୍କ ବୟସ ୨୫ରୁ ୪୯ ବର୍ଷ ମଧ୍ୟରେ।

ଉଲ୍ଲେଖ ଯୋଗ୍ୟ ଯେ, ଜଳେଶ୍ୱରରେ ଏବେ ୯ ଜଣ ତୃତୀୟଲିଙ୍ଗୀ ଏଡ୍‌ସ ଆକ୍ରାନ୍ତ ଅଛନ୍ତି। ୧୬ ନମ୍ବର ଜାତୀୟ ରାଜପଥର ରାଜଘାଟ- ଲକ୍ଷ୍ମଣନାଥ ମଧ୍ୟରେ ଥିବା କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଗାଡ଼ି ଚାଳକମାନେ ଅସୁରକ୍ଷିତ ଓ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ କରୁଛନ୍ତି। ଯାହାର ପ୍ରଭାବରେ ମହିଳା ଓ ତୃତୀୟଲିଙ୍ଗୀମାନେ ଏଡ୍‌ସର ଶିକାର ହେଉଥିବା କୁହାଯାଉଛି। ଜଳେଶ୍ୱରରେ ଏଡ୍‌ସର ମୁକାବିଲା ପାଇଁ ୧୦ଟି ଫେସିଲେଟେଡ୍ ଆଇସିଟିସି ଏବଂ ୨୬ଟି ସବ୍?ସେଣ୍ଟରରେ ଏଡ୍‌ସ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ହେଲେ ଏହା ପର୍ଯ୍ୟାପ୍ତ ନୁହେଁ। ବର୍ଷକୁ ଅତିକମ୍‌ରେ ୧୦ ହଜାର ଏଚ୍‌ଆଇଭି ପରୀକ୍ଷା ବ୍ୟବସ୍ଥା କରାଯିବାକୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ପରୀକ୍ଷା ୭ ହଜାର ଟପୁ ନାହିଁ। ଅନ୍ୟପଟେ ଏଡ୍‌ସ ଉପରେ ସଚେତନତା ସୃଷ୍ଟି ପାଇଁ ସରକାର ରାଜ୍ୟର ବିଭିନ୍ନ କଲେଜରେ ରେଡ୍ ରିବନ୍ କ୍ଲବ୍ ଗଠନ କରିଛନ୍ତି। ଅନେକ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ତଥାପି ସଚେତନତା କେବଳ ଏଡ୍‌ସ ଦିବସ ପାଳନରେ ସୀମିତ ରହୁଛି। ଏକାଧିକ ସ୍ଥାନରେ ଓପିଏଡ୍ ସବ୍‌ଷ୍ଟିଚ୍ୟୁସନ୍ ଥେରାପି କେନ୍ଦ୍ର ଖୋଲାଯିବାକୁ ଯୋଜନା ଥିଲେ ବି ତାହା କାର୍ଯ୍ୟକାରୀ ହୋଇପାରୁନି। ସରକାର ଡିଷ୍ଟ୍ରିକ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟ୍ରାଟେଜି ଫର ଏଚ୍‌ଆଇଭି ଏଡ୍‌ସ (ଦିଶା) କାର୍ଯ୍ୟକ୍ରମ ଜରିଆରେ ଗୋଷ୍ଠୀ ସଚେତନତା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଯୋଜନା କରିଛନ୍ତି। କିନ୍ତୁ ବିଡ଼ମ୍ବନା; ଜଳେଶ୍ୱରରେ ଏହି କାର୍ଯ୍ୟକ୍ରମ ପ୍ରଭାବହୀନ ହୋଇପଡ଼ିଛି। ଏବେ ସମୟ ଆସିଛି, ଏଡ୍‌ସ ମୁକାବିଲା ପାଇଁ ସରକାର ଅଧିକ ଯତ୍ନବାନ ହେବା ଦରକାର। ରୋଗରେ ରୋକ୍ ଲଗାଇବାକୁ ହେଲେ ସଚେତନତା ଏକମାତ୍ର ଅସ୍ତ୍ର। ତେଣୁ ସମସ୍ତେ ଏ ଦିଗରେ କାମ କରିବା ଉଚିତ ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

## ମିଞ୍ଝିନି ପାଟଣା ବାବା ଆଖଣ୍ଡଳମଣି ମନ୍ଦିରରେ ଅଷ୍ଟପ୍ରହରୀ ନାମଯଜ୍ଞ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସ୍ଥାନୀୟ ମିଞ୍ଝିନି ପାଟଣା ବାବା ଆଖଣ୍ଡଳମଣିଙ୍କ ପ୍ରଥମ ବାର୍ଷିକ ଦ୍ୱୟ ଦିନିଆ ଉତ୍ସବ ଓ ଅଷ୍ଟ ପ୍ରହରୀ ନାମଯଜ୍ଞ ପଣ୍ଡିତ ଅଶୋକ କୁମାର ଶତପଥୀଙ୍କ ପୌରୋହିତରେ ଅନୁଷ୍ଠିତ ହେଉଅଛି। ନାମଯଜ୍ଞ ପରିଚାଳନାରେ ମହନ୍ତ ଶ୍ରୀ ହରମୋହନ ଦାଶ ଓ ସହଯୋଗୀ ସହଯୋଗ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଯଥାବିଧି ବୈଦିକ ରିତିରେ ପାଳନ ହେବାପାଇଁ ଆୟୋଜକଙ୍କ ଠାରୁ ପ୍ରକାଶ କାର୍ଯ୍ୟକ୍ରମରେ ନିର୍ଦ୍ଧାରିତ ସୂଚୀ ପ୍ରକାରେ ଜଳ ଯାତ୍ରା, ନାମାଧିବାସ, ଯଜ୍ଞ, ନାମ ଆରମ୍ଭ, କର୍ମର ପୂର୍ଣ୍ଣାହୁତି, ଓ ପ୍ରସାଦ ସେବନ ଦିବା ରାତ୍ର ଚାଲୁ ରହିଥିଲା।



ଉପରୋକ୍ତ କାର୍ଯ୍ୟକ୍ରମରେ ଛତ୍ରପୁର ନବନିର୍ବାଚିତ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ସାମିଲ ହୋଇ ବାବା ଆଖଣ୍ଡଳମଣିଙ୍କ ଆଶୀର୍ବାଦ ଭିକ୍ଷା ସହ କାର୍ଯ୍ୟକ୍ରମ ସଞ୍ଚାଳନରେ ସାମିଲ ହୋଇଥିବା ସଂଗଠନମାନେ ଉତ୍ସାହ ଉଦ୍ଦୀପନା ସହ ବିଧାୟକଙ୍କୁ ବଧାୟୀ ଜଣାଇଥିଲେ। ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଆର. ସୋମନାଥ ରେଡ୍ଡୀ, ସମ୍ପାଦକ ଦଣ୍ଡପାଣି ପାତ୍ର, କୋଷାଧ୍ୟକ୍ଷ ଜେ. ଲୋକନାଥ ପାତ୍ର, ନାଇଡୁ, ଏନ. ଡମ୍ବରୁଧର ପାତ୍ର, ଜେ.ଭାସ୍କାର ପାତ୍ର ଶଙ୍କର ସାହୁ, ଏ. ଗଙ୍ଗାଧର ପାତ୍ର, ଏଙ୍କା ପାତ୍ର, ଜେ. ଦଣ୍ଡପାଣି, ଦୁଃଶାସନ ପାତ୍ର ଏବଂ ସହିଦ ଭଗତସିଂ ଯୁବକ ସଂଘ, ସୁବାଷ ବୋଷ ଯୁବକ ସଂଘର ଯୁବକମାନେ ମୁଖ୍ୟାଂଶରେ କାର୍ଯ୍ୟକ୍ରମ ପରିଚାଳନାରେ ରହିଥିବା ଜଣାଯାଇଛି।

# ଜୁନ୍ ସୁଦ୍ଧା ଜାତୀୟ ମହିଳା କମିଶନକୁ ଆସିଛି ୧୨,୬୦୦ ଅଭିଯୋଗ : ସର୍ବାଧିକ ୟୁପିରୁ

**ନୂଆଦିଲ୍ଲୀ**

ଜାତୀୟ ମହିଳା କମିଶନ (ଏନସିଡବ୍ଲ୍ୟୁ) ନିକଟରେ ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୨,୬୦୦ ଅଭିଯୋଗ ଆସିଛି ଏବଂ ଉତ୍ତରପ୍ରଦେଶ ସର୍ବାଧିକ ଅଭିଯୋଗ ପଞ୍ଜୀକରଣ କରିବାର ସନ୍ଦେହଜନକ ଗୌରବ ହାସଲ କରିଛି ବୋଲି ସରକାରୀ ତଥ୍ୟରୁ ଜଣା ପଡ଼ିଛି।

ଘରୋଇ ହିଂସା ବ୍ୟତୀତ ଅନ୍ୟ ନାରୀ ନିର୍ଯ୍ୟାତନା ସହ ଜଡିତ ନାରୀ ସମ୍ମାନ ଅଧିକାର ବର୍ଗରେ ସର୍ବାଧିକ ସଂଖ୍ୟକ ଅଭିଯୋଗ ଆସିଥିଲା। ଏନ୍ସିଡବ୍ଲ୍ୟୁ ତଥ୍ୟ ଅନୁଯାୟୀ ଏହା ୩,୧୦୭ ରହିଛି। ଏହାପରେ ଘରୋଇ ହିଂସାର ୩୫୪୪ଟି ଅଭିଯୋଗ ଆସିଥିଲା।

ଯୌତୁକ ନିର୍ଯ୍ୟାତନା ଅଭିଯୋଗ ୧୯୫୭, ଦୁଷ୍କର୍ମ ଅଭିଯୋଗ ୮୧୭, ମହିଳାଙ୍କ ବିରୋଧରେ ପୁଲିସର ଉଦାସୀନତା ୫୧୮ ଏବଂ ଦୁଷ୍କର୍ମ ଓ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ୬୫୭ଟି ରହିଛି। ଏଥିରେ ୪୯୩ ଯୌନ ନିର୍ଯ୍ୟାତନା, ୩୩୯ଟି ସାଇବର କ୍ରାଇମ, ୩୪୫ଟି ଠକେଇ ଓ ୨୦୬ଟି ଅନର କ୍ରାଇମ୍ ଅଭିଯୋଗ ରହିଛି।

ତଥ୍ୟ ଅନୁଯାୟୀ, ଉତ୍ତରପ୍ରଦେଶରୁ ସର୍ବାଧିକ ୬୪୭୦, ଦିଲ୍ଲୀରୁ ୧୧୧୩ ଓ ମହାରାଷ୍ଟ୍ରରୁ ୭୬୨ ଟି ଅଭିଯୋଗ ଆସିଛି। ସେହିପରି ବିହାରରୁ ୫୮୪, ମଧ୍ୟପ୍ରଦେଶରୁ ୫୧୪, ହରିୟାଣାରୁ ୫୦୬, ରାଜସ୍ଥାନରୁ ୪୦୮, ତାମିଲନାଡୁରୁ ୩୦୧, ପଶ୍ଚିମବଙ୍ଗରେ ୩୦୬ ଏବଂ କର୍ଣ୍ଣାଟକରୁ ୩୦୫ଟି ଅଭିଯୋଗ ରହିଛି। ୨୦୨୩ରେ ଏନସିଡବ୍ଲ୍ୟୁ ନିକଟରେ ମହିଳାଙ୍କ ସମ୍ପର୍କିତ ମୋଟ ୨୮,୮୧୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

## ଶ୍ରୀ ଶ୍ରୀ ହାରିବଳଦେବଜୀଉ ମହାପ୍ରଭୁଙ୍କର ରଥ ଯାତ୍ରା ପାଇଁ ପ୍ରଶାସନିକ ପ୍ରାକ-ପ୍ରସ୍ତୁତି ବୈଠକ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାରିପଦା ସହରରେ ଶ୍ରୀ ହାରିବଳଦେବଜୀଉ ମହାପ୍ରଭୁଙ୍କର ଚଳିତ ବର୍ଷ ରଥ ଯାତ୍ରା ପାଇଁ ବାରିପଦା ଉପଖଣ୍ଡ ତଥା ଜିଲ୍ଲା ପ୍ରଶାସନ ଅନୁକୁଲ୍ୟରେ ପ୍ରାକ-ପ୍ରସ୍ତୁତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର ଆଧକ୍ଷତା କରିଥିବା ବେଳେ ମୟୂରଭଞ୍ଜ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମାଶଙ୍କର ମହାରଣା ପ୍ରମୁଖ ବିଶେଷ ଅତିଥିବୃନ୍ଦ ଭାବେ ଯୋଗଦାନ କରିଥିଲେ। ଏହି ବୈଠକକୁ ଉପଜିଲ୍ଲାପାଳ, ବାରିପଦା ଈଶ୍ୱର ଚନ୍ଦ୍ର ନାଏକ ପରିଚାଳନା କରିଥିବା ବେଳେ ଶ୍ରୀ ଶ୍ରୀ ହାରିବଳଦେବଜୀଉ ମହାପ୍ରଭୁ ମନ୍ଦିରର ସମସ୍ତ ସେବାୟତଗଣ, ପରିଚ୍ଛା ସେବକ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ଶ୍ରଦ୍ଧାଳୁ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦାନ କରିଥିଲେ। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହର୍ଷୋଲ୍ଲାସରେ ମହାପ୍ରଭୁଙ୍କ





ସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ଏବଂ ଆଡ଼ପ ମଣ୍ଡପ ଦର୍ଶନ ନୀତିକାନ୍ତି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବା ଏହି ବୈଠକର ମୁଖ୍ୟ ପ୍ରସଙ୍ଗ ଥିଲା। ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହିତ ଏହି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ତତ୍‌ସହିତ ଉପଜିଲ୍ଲାପାଳ ଶ୍ରୀ ନାଏକ ଆସନ୍ତା ୦୬ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ବାବଦରେ ପ୍ରଶାସନିକ ପଦକ୍ଷେପମାନ ବିଷୟରେ ଆଲୋଚନା କରିଥିଲେ। ଏହି ବୈଠକରେ କେଉଁ ବିଭାଗ କେଉଁ କାର୍ଯ୍ୟ କରିବେ ଏବଂ ରଥ ଯାତ୍ରା ସମୟରେ ସମସ୍ତ ଦାୟିତ୍ୱକୁ ନିଖୁଣ ଭାବରେ ଜନସାଧାରଣଙ୍କ ଅବଗତି ଓ ସୁବିଧା ନିମନ୍ତେ କରାଯିବ। ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଆବଣ୍ଟନ କରାଯାଇଥିଲା। ସୂଚନା କେନ୍ଦ୍ର ବ୍ୟବସ୍ଥା, ପାନୀୟଜଳ, ଶାନ୍ତିଶୃଙ୍ଖଳା ବଜାୟରବା, ବଡ଼ଦାଣ୍ଡ ମରାମତି, ରାସ୍ତା ବୈଦ୍ୟୁତିକରଣ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଅଗ୍ନିଶମ ବ୍ୟବସ୍ଥା, ଟ୍ରାଫିକ, ଯାନବାହାନ ରକ୍ଷଣାବେକ୍ଷଣ, ଅସ୍ଥାୟୀ ଦୋକାନ, ରଥଯାତ୍ରା ଧାରାବିବରଣୀ, ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ସୂଚନା ଥାଉକି, ପ୍ରତିବର୍ଷ ଠାରୁ ଚଳିତ ବର୍ଷ ଅଧିକ ଜନଆଦରିକୃତ ରଥଯାତ୍ରା ପାଇଁ ପ୍ରଶାସନ ଚେଷ୍ଟିତ ଏବଂ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଏହି ବୈଠକରେ ମତ ପ୍ରକାଶ କରାଯାଇଥିଲା। ଏହି ବୈଠକରେ ସମସ୍ତ ଲାଇନ ବିଭାଗରେ ଥିବା ସରକାରୀ ଅଧିକାରୀ ଏବଂ ମନ୍ଦିର ପ୍ରଶାସନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିବାର ସୂଚନାପ୍ରାପ୍ତ।

# ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ବାଲିପାଟଣା ଅଞ୍ଚଳ

## ରାତିରେ ଖୋଜିଲେ ମଦ ମିଳୁଛି, ଔଷଧ ମିଳୁନି

**ବାଲିପାଟଣା, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର କମିଶନରେଟ ପୁଲିସ ଅଧୀନ ସର୍ବପୁରାତନ ବାଲିପାଟଣା ଥାନା ଅଞ୍ଚଳ ନିଶାଦ୍ରବ୍ୟ କାରବାରର ହବ୍ ପାଲଟିଛି ବୋଲି ଅଭିଯୋଗ ହେଉଛି। ଅବକାରୀ ବିଭାଗ ଓ ପୁଲିସର ନିଷ୍କ୍ରିୟତାର ସୁଯୋଗ ନେଇ ଚୋରା ନିଶାବେପାରୀ ଏହି ଅଞ୍ଚଳରେ ନିଜ ପସରା ମେଲାଇଛନ୍ତି। ସେମାନଙ୍କର କାୟା କ୍ରମଶଃ ବଢ଼ିବାରେ ଲାଗିଛି। ଫଳରେ ଏହି ଅଞ୍ଚଳର ଗାଁ ଗହଳିରେ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଅତି ସହଜରେ ଉପଲବ୍ଧ ହେଉଛି। ତେଣୁ ସାଧାରଣ ଲୋକ ଓ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଅଞ୍ଚଳର ଯୁବପିଢ଼ି ଅବାଟରେ ଯିବା ସହିତ ଅପରାଧ ମଧ୍ୟ ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି।

ଅଭିଯୋଗ ଅନୁସାରେ, ବାଲିପାଟଣା, ଦରଡ଼ା, ବନମାଳୀପୁର, ମାର୍ଥାପୁର, ଅଠାନ୍ତର, ଧାନହରା, ଆମେଣାକୁଦ, ମଝିହରା, ନରିଶୋ, ନରଦା, ରାଜସ ଓ ବସନ୍ତମାଳ ପ୍ରଭୃତି ଅଞ୍ଚଳରେ ବର୍ତ୍ତମାନ ବେଧଡ଼କ ନିଶା କାରବାର ହେଉଛି। ଦେଶୀ ବିଦେଶୀ ଚୋରାମଦ ସାଙ୍ଗକୁ ଗଞ୍ଜେଇ ଓ ବ୍ରାଉନସୁଗାରର କାରବାର ବୃଦ୍ଧି ପାଉଛି। ଏପରିକି ଅଧିକାଂଶ ଗାଁର ସାଧାରଣ ଦୋକାନରେ ମଧ୍ୟ ଚୋରାରେ ମଦ ବିକ୍ରି ହେଉଛି। ଏହା ଏତେ ପରିମାଣରେ ମିଳୁଛି ଯେ ରାତିଅଧରେ ସାଧାରଣ ରୋଗର ବଟିକାଟିଏ ମଧ୍ୟ ଯେଉଁଠି ମିଳିବନାହିଁ, ସେଠାରେ ଏକାଧିକ ସ୍ଥାନରେ ସହଜରେ ମଦ ମିଳି ଯାଉଛି। ଅଞ୍ଚଳର ଅପରିତ୍ୟକ୍ତ ସରକାରୀ ଓ ବେସରକାରୀ ଘର, ନଦୀ, କେନାଲ ବ୍ରିଜ ଓ ଅନ୍ୟ ନିଛାଟିଆ ରାସ୍ତାଠାରୁ ଆରମ୍ଭକରି ସର୍ବସାଧାରଣ ଆତଯାତ ହେଉଥିବା ଛକ ଓ ବଜାରରେ ଦିନରାତି ନିଶାଡ଼ିଙ୍କର ଆଡ୍‌ଡା ଜମୁଛି। କଲେଜ ଛାତ୍ର ନିଶା କବଳରେ ପଡୁଛନ୍ତି। ଯୁବକମାନେ ନିଶାଗ୍ରସ୍ତ ଅବସ୍ଥାରେ ସର୍ବସାଧାରଣ ସ୍ଥାନ ଓ ନିଜ ପରିବାରରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ରାସ୍ତାଘାଟରେ ଦ୍ରୁତ ବେଗରେ ଗାଡି ଚଳାଇ ଆତଙ୍କ ଖେଳାଉଛନ୍ତି। ପୁଣି ନିଶାରେ ପଡ଼ିଯିବା ପରେ ନିଶା ସେବନ ପାଇଁ ଟଙ୍କା ଯୋଗାଡ଼ କରିବାଲାଗି ଅପରାଧ ମଧ୍ୟ କରୁଛନ୍ତି। ଏପରି ଉଦାହରଣ ଏହି ଅଞ୍ଚଳରେ ଅନେକ ରହିଛି।

ଆଉ ଗୋଟିଏ ଗୁରୁତର କଥା ହେଉଛି, ଏହି ପଥଭ୍ରଷ୍ଟ ଯୁବକଙ୍କ ଭିତରୁ କେତେଜଣ କିଛିଦିନ ନିଶା ସେବନ କରିବାପରେ ନିଜେ ବେପାର ଆରମ୍ଭ କରି ଦେଉଛନ୍ତି। ଫଳରେ ନିଶା କାରବାର ଦିନକୁ ଦିନ କାୟା ବିସ୍ତାର କରି ଚାଲିଛି। କିଛି ସ୍ଥାନରେ ସଚେତନ ନାଗରିକ ଓ ଯୁବକମାନେ



ନିଶା କାରବାର ବନ୍ଦ କରିବାପାଇଁ ଅଣ୍ଟା ଭିଡ଼ୁଛନ୍ତି ଅବଶ୍ୟ। କିନ୍ତୁ ସେମାନଙ୍କୁ ଉଭୟ ନିଶା ବେପାରୀ ଓ ନିଶାଡ଼ି ନାଲିଆଖି ଦେଖାଇ ଚୁପ୍ ରହିବାକୁ ବାଧ୍ୟ କରୁଛନ୍ତି। ଏଦିଗରେ ପୁଲିସ ନିଜର କର୍ତ୍ତବ୍ୟ କରୁନାହିଁ। ପୁଲିସ ଓ ଅବକାରି ବିଭାଗ ପକ୍ଷରୁ ମଝିରେ ମଝିରେ ଲୋକ ଦେଖାଣିଆ ଚଢ଼ାଉ ହେଉଛି। କିନ୍ତୁ ଅସଲ ବଡ଼ ବଡ଼ ବେପାରୀଙ୍କୁ ଛାଡି କୁଜି ବେପାରୀଙ୍କ ନାମରେ ମାମଲା ରୁଜୁ ହେଉଛି। ତେଣୁ ଏହାଦ୍ୱାରା କିଛି ଲାଭ ହେଉନାହିଁ। ବାଲିପାଟଣା ଅଞ୍ଚଳରେ ସଞ୍ଚରି ଯାଉଥିବା ନିଶା ଜହରକୁ ନିୟନ୍ତ୍ରଣ କରାନଗଲେ ଏହି ଅଞ୍ଚଳର ସ୍ଥିତି ହାତଛଡ଼ା ହୋଇଯିବ ବୋଲି ଚର୍ଚ୍ଚା ହେଉଛି।

## ଭାରସାମ୍ୟ ହରାଇ ଡିଭାଇଡ଼ରକୁ ପିଟିଲା କଣ୍ଟେନର

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାପଥର ଟିକର ପୋଲ ଉପରେ ଏକ କଣ୍ଟେନର ଟ୍ରକ୍ ଭାରସାମ୍ୟ ହରାଇ ଡିଭାଇଡ଼ରକୁ ପିଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ସୂଚନାଯୋଗ୍ୟ ଯେ ଆନ୍ଧ୍ରପ୍ରଦେଶରୁ ମାଛ ନେଇ କଲିକତା ଅଭିମୁଖେ ଯାଉଥିବା ଏକ ମାଛ ବୋଝେଇ କଣ୍ଟେନର ମଙ୍ଗଳବାର ଭୋର ସମୟରେ ଭାରସାମ୍ୟ ହରାଇ ରାଜପଥର ମଝି ଡିଭାଇଡ଼ର ଉପରକୁ ଚଢ଼ାଇ ଦେଇଥିଲା। ଉକ୍ତ ଦୁର୍ଘଟଣାରେ କଣ୍ଟେନର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକ କିମ୍ବା ଖଲାସୀଙ୍କର କିଛି କ୍ଷତି ଘଟିନଥିବା ଜଣାପଡ଼ିଛି। ରାଜପଥ ପାଟ୍ରୋଲିଂ ପୁଲିସ ଓ ପାଣିକୋଇଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

# ରୋହିଙ୍ଗ୍ୟାଙ୍କ ଚାରଣଭୂମି ପାଲଟିଛି ଭାରତ

- ମାଟି ତଳେ ରହିଛି ସୁଡ଼ଙ୍ଗ
- ୧୦ ଲକ୍ଷ ଟଙ୍କା ଦେଇ ସୀମା ପାର କରାଯାଉଛି

**ନୂଆଦିଲ୍ଲୀ**

ଭାରତରେ ବେଆଇନ ଅନୁପ୍ରବେଶ-କାରୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏହାକୁ ପ୍ରତିହତ କରିବା ପାଇଁ ଦେଶରେ ବେଆଇନ ଭାବେ ରହୁଥିବା ୪୦ ହଜାରରୁ ଅଧିକ ରୋହିଙ୍ଗ୍ୟା ମୁସଲମାନଙ୍କୁ ସରକାର ନିଜ ଦେଶକୁ ପଠାଇବା ପାଇଁ ପ୍ରୟାସ କରୁଛନ୍ତି। ଅନେକ ଆତଙ୍କବାଦୀ କାର୍ଯ୍ୟ-କଳାପରେ ଲିପ୍ତ ଥିବା ମଧ୍ୟ ସୂଚନା ମିଳିଛି। ଏହା ମଧ୍ୟରେ ଏକ ଚିନ୍ତାଜନକ ରିପୋର୍ଟ ପ୍ରକାଶ ପାଇଛି। ଭାରତ ସରକାର ରୋହିଙ୍ଗ୍ୟାଙ୍କୁ ଦେଶରୁ ବାହାର କରିବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ବାଂଲାଦେଶରୁ ପ୍ରତି ମାସରେ ୨୦୦ରୁ ଅଧିକ ରୋହିଙ୍ଗ୍ୟାଙ୍କୁ ଦେଶକୁ ଅଣାଯାଉଛି। ଏଥିପାଇଁ ଏକ ଗ୍ୟାଙ୍ଗ କାମ କରୁଛି। ଭାରତରେ ଅନୁପ୍ରବେଶ ପରେ ରୋହିଙ୍ଗ୍ୟା ମୁସଲମାନଙ୍କୁ ଜାଲ୍ ପରିଚୟ ପତ୍ର ମାଧ୍ୟମରେ ୧୪ ରାଜ୍ୟ ଆସାମ, ପଶ୍ଚିମବଙ୍ଗ, ତ୍ରିପୁରା, ମିଜୋରାମ, ମେଘାଳୟ, ଜମ୍ମୁ-କଶ୍ମୀର, ହରିୟାଣା, ପଞ୍ଜାବ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ ଏବଂ କେରଳରେ ଥଇଥାନ କରାଯାଉଛି। ଏକ ଅନ୍ତର୍ଜାତୀୟ ମାନବ ଚାଲାଣ ଗ୍ୟାଙ୍ଗ ଦ୍ୱାରା ଏପରି କରାଯାଉଛି। କିଛି ଦିନ ତଳେ ନ୍ୟାସନାଲ ଇନଭେଷ୍ଟିଗେସନ ଟିମ୍ (ଏନଆଇଏ) ଏହି ମାନବ ଚାଲାଣ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଜଲିଲ ମିଆଁକୁ ଗିରଫ କରିଥିଲା। ଜେରା ସମୟରେ ସେ ଚାଞ୍ଚଲ୍ୟକର ସୂଚନା ଦେଇଛି। ଏବେ ଏହି ଗୋଷ୍ଠୀରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ପଚରାଉଚୁରା କରାଯାଉଛି।

ଅଭିଯୁକ୍ତ ଜଲିଲ ତ୍ରିପୁରାର ବାସିନ୍ଦା। ତା ଉପରେ ଏନ୍‌ଆଇଏ ଲକ୍ଷେ ଟଙ୍କା ପୁରସ୍କାର ଘୋଷଣା କରିଥିଲା। ମିଆଁର ସହଯୋଗୀ ତଥା ଏହି ଗୋଷ୍ଠୀର ମୁଖିଆ ଜିବୋନ ରୁଦ୍ର ପାଲ୍ ଓରଫ ସୁମନଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ମିଆଁର ସହଯୋଗୀ ଜଜ୍ ମିଆଁ ଏବଂ ଶନ୍ତୋ ଏବେ ଫେରାର ଅଛି। ସମସ୍ତେ ତ୍ରିପୁରାରୁ ଗ୍ୟାଙ୍ଗ ଚଳାଉ ଥିଲେ। ୨୦୨୩ ନଭେମ୍ବର ୮ରେ ଏନଆଇଏ ଜଲିଲକୁ ତା' ଘରୁ ଗିରଫ ପାଇଁ ଉଦ୍ୟମ କରାଯାଇଥିଲା। ମାତ୍ର ସେ ଫେରାର ହୋଇ ଯାଇଥିଲା। ଏହା ପରେ ଏନ୍?ଆଇଏ ତା ଗୋଷ୍ଠୀର ୨୯ ସଦସ୍ୟଙ୍କୁ ଗିରଫ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ବାଂଲାଦେଶରେ ଥିବା ଏହି ଗ୍ୟାଙ୍ଗର ସଦସ୍ୟ ଭାରତରେ ରହିବାକୁ ଚାହୁଁଥିବା ରୋହିଙ୍ଗ୍ୟାଙ୍କଠାରୁ ୧୦ରୁ ୨୦ ଲକ୍ଷ ଟଙ୍କା (୧୪ରୁ ୨୮ ଲକ୍ଷ ବାଂଲାଦେଶୀ ଟଙ୍କା) ଆଣୁଥିଲେ। ଏହା ବଦଳରେ ସୀମା ପାର କରାଇ ପରିଚୟ ପତ୍ର ସହିତ ଭାରତରେ ଥଇଥାନ କରାଇବାର ପ୍ୟାକେଜ ଦେଉଥିଲେ। ଭାରତରେ ଅନୁପ୍ରବେଶ ପୂର୍ବରୁ କିମ୍ବା ପରେ ରୋହିଙ୍ଗ୍ୟାଙ୍କୁ ହିନ୍ଦୀ, ଆସାମୀ ଏବଂ ଅନ୍ୟ ଭାରତୀୟ ଭାଷା ଶିଖାଉ ଥିଲେ। ପରିଚୟ ପ୍ରଘଟ ନ ହେବା ପାଇଁ ଏହି ପ୍ରଶିକ୍ଷଣ ଦିଆ ଯାଉଥିଲା। ଏହି ଭାଷା ଆଧାରରେ ସେମାନଙ୍କୁ ବିଭିନ୍ନ ରାଜ୍ୟରେ ବସା ଯାଉଥିଲା।

ଏହି ଗୋଷ୍ଠୀ ପ୍ରତି ଦିନ ୫ରୁ ୧୦ ଜଣ ରୋହିଙ୍ଗ୍ୟାଙ୍କୁ ଭାରତରେ ଅନୁପ୍ରବେଶ କରାଉ ଥିଲା। ଏଥିପାଇଁ ବାଂଲାଦେଶ ସୀମାକୁ ଲାଗିଥିବା ଆସାମ, ମିଜୋରାମ, ମେଘାଳୟ ଏବଂ ତ୍ରିପୁରାରେ ମାଟି ତଳେ ସୁଡ଼ଙ୍ଗ ରହିଛି। ଭାରତକୁ ଆସିବା ପରେ ଅନୁପ୍ରବେଶକାରୀଙ୍କ ଚେହେରା ବଦଳାଇ ଦିଆଯାଇଥାଏ। ପରେ କିଛି ଦିନ ପାଇଁ ଅଜ୍ଞାତ ସ୍ଥାନରେ ରଖା ଯାଇଥାଏ। ଏହି ସମୟରେ ରୋହିଙ୍ଗ୍ୟାଙ୍କ ଫଟୋ ନେଇ ଜାଲ୍ ପ୍ରମାଣପତ୍ର ପ୍ରସ୍ତୁତ କରାଯାଇଥାଏ ବୋଲି ତ୍ରିପୁରା ପୁଲିସ ପକ୍ଷରୁ କୁହାଯାଇଛି। ଏବେ ଦିଲ୍ଲୀରେ ପଞ୍ଜୀକୃତ ଭାବେ ହଜାରେ ରୋହିଙ୍ଗ୍ୟା ଅଛନ୍ତି। ମାତ୍ର ବାସ୍ତବିକ ସଂଖ୍ୟା ଏହାଠାରୁ ଅନେକ ଗୁଣ ଅଧିକ ବୋଲି କୁହାଯାଉଛି। ଦିଲ୍ଲୀର ଜସୋଲା, ଯମୁନା ନଦୀ କୂଳ, ଶ୍ରମ ବିହାର, କଞ୍ଚନ ବିହାର ଏବଂ ଦକ୍ଷିଣ ଦିଲ୍ଲୀ ସ୍ଥିତ ଖାଦର ଆଦିରେ ଅନେକ ରୋହିଙ୍ଗ୍ୟା ରହୁଛନ୍ତି।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ତେଲ ବଜାରରେ ଅଧିକ ଲାଭ

ବିଶ୍ୱ ତୈଳ ବଜାରରେ ଏକ ବଡ଼ ଧରଣର ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ରୁଷ୍-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପାରମ୍ପରିକ ତୈଳ ଯୋଗାଣକାରୀ ଦେଶର ସମୂହ 'ଓପେକ୍'ର ଗଡ଼ କୁହାଯାଉଥିବା ବଜାରଗୁଡ଼ିକରେ ଦ୍ରୁତ ଗତିରେ ଆମେରିକା ଏହାର ଆଧିପତ୍ୟ ସାବ୍ୟସ୍ତ କରିବାରେ ଲାଗିଛି। ବିଶେଷ କରି ରୁଷ୍ ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ କଟକଣା ଲଗାଇବା ପରେ ଆମେରିକାର ତେଲ ଯୋଗାଣକାରୀମାନେ ସେହି ଅଭାବ ପୂରଣ କରିବା ଲାଗି ଆଗେଇ ଆସିବା ସହ ଗ୍ରାହକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଉଦ୍ୟମ କରୁଛନ୍ତି।
ବିଶ୍ୱର ଦୁଇ ପ୍ରମୁଖ ତେଲ ଯୋଗାଣକାରୀ ଦେଶ ରୁଷ୍ ଏବଂ ଭେନେଜୁଏଲା ଉପରେ କଟକଣା ଲଗାଯିବା ପରେ ଯଦି କୌଣସି ଦେଶକୁ ତାହାର ସର୍ବାଧିକ ଲାଭ ମିଳିଛି ତେବେ ତାହା ହେଉଛି ଆମେରିକା। ଏହା ଦ୍ରୁତ ଗତିରେ ଓପେକ୍ର ଗଡ଼ କୁହାଯାଉଥିବା ଦେଶଗୁଡ଼ିକରେ ପ୍ରବେଶ କରୁଛି। ଆମେରିକାରୁ ୟୁରୋପ ଓ ଏସିଆର ବିଭିନ୍ନ ଦେଶକୁ ତେଲ ଯୋଗାଣ ବୃଦ୍ଧି ପାଇଛି। ଅବଶ୍ୟ ଏବେ ସୃଷ୍ଟି ହୋଇଥିବା ସ୍ଥିତି ଲାଗି ଓପେକ୍+ ମଧ୍ୟ କିଛି ପରିମାଣରେ ଦାୟୀ। ସେମାନେ ନିଜ ଆଡ଼ୁ ତେଲ ଯୋଗାଣ କମ୍ କରିବାରୁ ଆମେରିକା ସେହି ବଜାରଗୁଡ଼ିକରେ ପ୍ରବେଶ କରିବାର ସୁଯୋଗ ସୃଷ୍ଟି ହୋଇଥିଲା। ଗୋଟିଏ ପଟେ ଆମେରିକା ଏହାର ତେଲ ଉତ୍ପାଦନ ବଢ଼ାଇଥିବା ବେଳେ ଓପେକ୍ ଓ ରୁଷ୍ ସେମାନଙ୍କ ଉତ୍ପାଦନ ହ୍ରାସ କରିଛନ୍ତି। ସେଥିପାଇଁ ତେଲ ବଜାରରେ ଆମେରିକାର ଭାଗ ବୃଦ୍ଧି ପାଇଛି। ଯୁଦ୍ଧ ପରେ ରୁଷରୁ ସର୍ବାଧିକ ତେଲ ମଗାଉଥିବା ଭାରତ ମଧ୍ୟ ଆମେରିକାରୁ ତେଲ କିଣିବା ଆରମ୍ଭ କରିଛି। ମାର୍ଚ୍ଚରେ ଆମେରିକାରୁ ଅଧିକ ପରିମାଣର ତେଲ ଭାରତ ଆସିଛି ବୋଲି କେପ୍ଲର୍ ତଥ୍ୟରୁ ଜଣାପଡ଼ିଛି। ରୁଷ୍ର ସୋମକମ୍ଫ୍ଲୋଟ୍ ଟ୍ୟାଙ୍କରରେ ଆସୁଥିବା ତେଲ ଗ୍ରହଣ କରିବାକୁ ଭାରତ ମନା କରିଦେଇଥିବାରୁ ଆଗାମୀ ଦିନରେ ରୁଷ୍ ତେଲ ଆହୁରି ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ରୁଷ୍ର ସ୍ଥାନ ନେବା ଭଳି ସ୍ଥିତିରେ ଆମେରିକା ଏପର୍ଯ୍ୟନ୍ତ ପହଞ୍ଚିପାରିନାହିଁ।

# ବାବା ସମସ୍ତଙ୍କର କାର୍ଯ୍ୟକଳାପ ଓ ମନର କଥା ଜାଣନ୍ତି



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା–୨୬୪**

୧୯୬୭ ମସିହାରେ ପୁନାର କିର୍କିରୁ ଆସିଥିବା ଶ୍ରୀ ସି. ରାମଚନ୍ଦ୍ରନଙ୍କ ସହିତ ପ୍ରଶାନ୍ତିରେ ଦେଖାହେଲା ପରେ ମରଫେଟ୍ ତାଙ୍କ ପାଖରୁ ଶିରିଡ଼ି ବାବା ଓ ସତ୍ୟସାଇ ବାବାଙ୍କ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିବାକୁ ପାଇଲେ। ଯେତେବେଳେ ରାମଚନ୍ଦ୍ରନ୍ ଭାରତର ପ୍ରତିରକ୍ଷା ବିଭାଗର ଡେପୁଟି ଚିଫ ଇନ୍ସପେକ୍ଟର ଥିଲେ। ସେ ଥରେ ପାରିବାରିକ ଜଞ୍ଜାଳରେ ଅତିଷ୍ଠ ହୋଇ ତାଙ୍କ ଘରଠାରୁ ପ୍ରାୟ ୧୫୦ ମାଇଲ ଦୂରରେ ଥିବା ଶିରିଡ଼ି ସଂସ୍ଥାନକୁ ବୁଲିବାକୁ ଯାଇଥିଲେ। ଶିରିଡ଼ି ବାବାଙ୍କ ମୂର୍ତ୍ତି ଦର୍ଶନ କଲାପରେ ତାଙ୍କ ମନରେ ଶାନ୍ତି ଆସିଗଲା। ଏହାପରେ ସେ ଅନେକଥର ଶିରିଡ଼ି ଯାଇଥିଲେ। ସେଠାରେ ଥିବା ବେଳେ ସେ ଘଟଣାଚକ୍ରରେ ଶୁଣିଲେ ଯେ ଶିରିଡ଼ି ବାବା ପୁଟ୍ଟାପାର୍ତ୍ତିରେ ସତ୍ୟସାଇ ରୂପରେ ଅବତାର ନେଇଛନ୍ତି। ସେ ସମ୍ବାଦପତ୍ରରୁ ପଢ଼ି ଜାଣିଲେ ଯେ, ସତ୍ୟସାଇବାବା ଜଣେ ପକ୍ଷାଘାତ ରୋଗୀକୁ ଭଲ କରିବା ପାଇଁ ତା ରୋଗକୁ ନିଜ ଶରୀରକୁ ନେଉଛନ୍ତି। କିଛି ଦିନ ପରେ ଗୁରୁପୂର୍ଣ୍ଣମୀ ଦିନ ବାବା ନିଜକୁ ରୋଗମୁକ୍ତ କରି ଭକ୍ତମାନଙ୍କୁ ପ୍ରବଚନ ଦେବା ଆରମ୍ଭ କରିଦେଲେ। ଏହି ଘଟଣା ଜାଣିବା ପରେ ରାମଚନ୍ଦ୍ରନ ମନେମନେ ସତ୍ୟସାଇଙ୍କ ଭକ୍ତ ହୋଇଗଲେ। ଏହାର କିଛିଦିନ ପରେ ରାମଚନ୍ଦ୍ରନଙ୍କ ପରିବାରର



ଜଣେ ସଭ୍ୟ ସତ୍ୟସାଇ ବାବାଙ୍କ ଏକ କାଚବନ୍ଧ ଫଟୋ ତାଙ୍କ ପୂଜାଘରେ ଥୋଇଲେ। ରାମଚନ୍ଦ୍ରନ୍ ଦୁଇଦିନ ପରେ ଲକ୍ଷ୍ୟ କଲେ ଯେ ଫଟୋରୁ ବିଭୂତି ଝରୁଛି। ସେ ଫଟୋ ଉପରୁ ବିଭୂତିକୁ ସମ୍ପୂର୍ଣ୍ଣ ପୋଛି ଦେଲେ। କିନ୍ତୁ ଦିନେ ଦୁଇଦିନ ପରେ ଦେଖିଲେ ଯେ ପୁଣି ବିଭୂତି ଝରୁଛି। ଅଧିକ ଜାଣିବା ପାଇଁ ସେ ଫଟୋରୁ ପୁରୁଣା ଫ୍ରେମ୍ ଓ କାଚ ବଦଳେଇ ନୂଆ ଫ୍ରେମ୍ ଓ କାଚ ବନ୍ଧେଇ କଲେ। କିନ୍ତୁ ଏଥିରେ ମଧ୍ୟ ପୂର୍ବପରି ବିଭୂତି ସୃଷ୍ଟି ହୋଇ ଘନିଭୂତ ହେବାକୁ ଲାଗିଲା।
ଦିନେ ରାମଚନ୍ଦ୍ରନଙ୍କ ଜଣେ ଯୁବକ ବନ୍ଧୁ ତାଙ୍କୁ ଆଣି ସତ୍ୟସାଇ ବାବାଙ୍କର ଏକ ଫଟୋ ଦେଲେ। ରାମଚନ୍ଦ୍ରନ ଏ ଫଟୋକୁ କାଚବନ୍ଧେଇ କରି ଏକ କାର୍ଡ଼ବୋର୍ଡ଼ରେ ଲଗାଇ ଠାକୁର ଘରେ ଝୁଲେଇ ଦେଲେ। ରାମଚନ୍ଦ୍ରନ ଦେଖିଲେ ଯେ ଏ ଫଟୋରୁ ମଧ୍ୟ ବିଭୂତି ଆବିର୍ଭୂତ ହେବାକୁ ଲାଗିଲା। ଏହିସବୁ ଘଟଣାମାନ ରାମଚନ୍ଦ୍ରନ ସ୍ୱଚକ୍ଷୁରେ ଦେଖିବା ପାଇଁ ପୁଟ୍ଟାପାର୍ତ୍ତି ଯାଇ ସତ୍ୟ ସାଇ ବାବାଙ୍କର ଦର୍ଶନ କରି ଆସିବା ପାଇଁ ସ୍ଥିର କଲେ। ଏହା ସ୍ଥିର କରିବା ଅଳ୍ପଦିନ ଭିତରେ ତାଙ୍କର ସିଗାରେଟ୍ ଫୁଙ୍କିବା ପରି ମନ୍ଦ ଅଭ୍ୟାସକୁ ପରିତ୍ୟାଗ କଲେ। କିଛିଦିନ ପରେ ୧୯୬୪ ମସିହା ଜୁନ୍ ମାସରେ ରାମଚନ୍ଦ୍ରନ ବାବାଙ୍କ ଦର୍ଶନ କରିବା ପାଇଁ ପୁଟ୍ଟପାର୍ତ୍ତିରେ ପହଞ୍ଚିଲେ। ସେଠାରେ କିଛିଦିନ ଦର୍ଶନ କଲାପରେ ବାବା ଅନ୍ୟ କେତେ ଭକ୍ତଙ୍କ ସହିତ ରାମଚନ୍ଦ୍ରନଙ୍କୁ ଇଣ୍ଟରଭ୍ୟୁ କୋଠରିକୁ ଡାକିଲେ। ସେଠାରେ ବାବା ଶୂନ୍ୟରେ ହାତବୁଲେଇ ବିଭୂତି ସୃଷ୍ଟି କରି ଅନ୍ୟ ଭକ୍ତମାନଙ୍କୁ ଦେଲେ। ରାମଚନ୍ଦ୍ରନ ଉପେକ୍ଷିତ ଓ ନିରାଶ ହୋଇ ମନେମନେ ବାବାଙ୍କୁ ପ୍ରାର୍ଥନା କରି ତାଙ୍କୁ ବିଭୂତି ଦେବାକୁ ଅନୁରୋଧ କଲେ। ବାବା ତାଙ୍କ ଆଡ଼େ ଅନେଇ ହସି ହସି କହିଲେ, 'ମୁଁ ତୁମକୁ ଏହା ଆଗରୁ ଅନେକ ଥର ବିଭୂତି ଦେଇଛି।' ରାମଚନ୍ଦ୍ରନ ବୁଝିଗଲେ ଯେ ତାଙ୍କ ଘରେ ଫଟୋରୁ ବିଭୂତି ଝରିବା ଘଟଣାକୁ ବାବା ତାଙ୍କୁ କହିଲେ। ପୁଣି ବାବା କହିଲେ, 'ମୁଁ ଅନେକ ବିଭୂତି ଦେଲି କିନ୍ତୁ ତୁମେ ତୁମର ମନ୍ଦ ଅଭ୍ୟାସକୁ ଚିରଦିନ ପାଇଁ ଛାଡ଼ିଦିଅ।' ରାମଚନ୍ଦ୍ରନ ବୁଝିଗଲେ ଯେ ବାବା ରାମଚନ୍ଦ୍ରନଙ୍କ ସିଗାରେଟ୍ ଫୁଙ୍କିବା ମନ୍ଦଭ୍ୟାସ ବିଷୟ କହୁଛନ୍ତି। ସେ ସେଇଦିନ ଠାରୁ ସବୁଦିନ ପାଇଁ ସିଗାରେଟ୍ ଫୁଙ୍କିବା ଛାଡ଼ିଦେଲେ। ଏହାପରେ ସେ ବହୁଥର ବାବାଙ୍କ ଦର୍ଶନ ନିମିତ୍ତ ପୁଟ୍ଟାପାର୍ତ୍ତି ଯାଇଥିଲେ।
*(କ୍ରମଶଃ...)*

# ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ସତ୍ୟ ଭାଗବତ

### ପ୍ରଥମ ଅଧ୍ୟାୟ

**ମା।**



ଶ୍ରୀ ଅଭିରାମ ସରସ୍ୱତୀ

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୭)

ଲୋଡା ନାହିଁ ମୋର ସାରା
ଜଗତ ତୋ ନାମ ମୋ ହୃଦେ
କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁଗସ୍ଵା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)
(କ୍ରମଶଃ)

# ଚାଷୀ ନିଜେ ନିଜର ଉଦ୍ଧାରକର୍ତ୍ତା ସାଜିବା ପାଇଁ ଗାଁ ଗାଁରେ ସଙ୍ଗଠିତ ହେବା ଜରୁରୀ ଅଟେ

ସିତାଂଶୁ ଶେଖର ମିଶ୍ର
ସୋନପୁର, ଶାନ୍ତି ନଗର
ଦୂରଭାଷ.୮୧୪୪୮ ୭୦୭୨୯

**କିଛି ବର୍ଷ ମଧ୍ୟରେ ଦଲାଲ୍, କୁଜିନେତା, ବେପାରୀମାନେ ମଟର ସାଇକେଲ ଓ ଚାରିଚକିଆ ଗାଡ଼ି ଧରି ବୁଲୁଥିବା ଦେଖିବାକୁ ମିଳିଥାଏ। ହେଲେ ବିଚରା ଚାଷୀ ଫଟା ଚପଲ ପିନ୍ଧିବା ଦେଖିବାକୁ ମିଳୁଛି। ମଟର ସାଇକେଲ୍ ଓ ଚାରି ଚକିଆ ତାହା ପାଇଁ ଦିବା ସ୍ୱପ୍ନ ପରି। ଆଉ ଗୋଟାଏ ଚାଷ ଅମଳ ଓ ବିକ୍ରି କିଭଳି ଠିକ୍ ଭାବରେ କରିବ ସେହି ଚିନ୍ତାରେ। ସେ ଯାହାକୁ ଠିକ୍ ଭାବି ତାହା ପଛରେ ଗୋଡାଇ ଥାଏ ସେମାନେ କିନ୍ତୁ ନ୍ୟାୟ ପ୍ରଦାନ ବଦଳରେ ତାହା ମାଧ୍ୟମରେ ସେମାନେ ନିଜେ ମାଲେମାଲ୍ ହେଉଥିବା ଦେଖିବାକୁ ମିଳିଥାଏ। ବିଚରା ଚାଷୀ ବୁଝି ପାରେ ନାହିଁ। ଏଣୁ ଗାଁ ଗାଁରେ ଚାଷୀ ମାନେ ସଙ୍ଗଠିତ ହୋଇ ତାଙ୍କ ମଧ୍ୟରୁ କିଛି ଲୋକ ଯଦି ଅମଳ ହୋଇଥିବା ଶସ୍ୟର ବିକିବାର ଦାୟିତ୍ୱ ନିଃସ୍ୱାର୍ଥପର ଭାବରେ ନେବେ ତାହାହେଲେ ହୁଏତ ଏହାର କିଛି ସମାଧାନର ବାଟ ଦେଖିବାକୁ ହେବ। ଆଉଗୋଟାଏ କାମ ମଧ୍ୟ ଏହାରି ମାଧ୍ୟମରେ କରାଯାଇ ପାରିବ ତାହାହେଲା ପାରମ୍ପରିକ ଚାଷ ସହ ଆଉ କେଉଁ ଚାଷ କଲେ ଉପଯୁକ୍ତ ଅମଳ ଏବଂ ଲାଭ ମିଳିପାରିବ ତାହା ଦେଖିବାପାଇଁ ଜିଲ୍ଲାରେ ରହିଥିବା ବିଜ୍ଞାନ ଓ ଗବେଷଣା କେନ୍ଦ୍ରର କର୍ମଚାରୀଙ୍କ ସହ ସମନ୍ୱୟ ରଖିବା। ଏହା ହୋଇପାରିଲେ ଯେଉଁ ଶସ୍ୟର ଚାହିଦା ଓ ବଜାର ରହିଛି ତାହା ମିଳିପାରିବ। ଏତକ କରିପାରିଲେ ଚାଷୀ ମାନଙ୍କ ଅନେକ ସମସ୍ୟାର ସମାଧାନ ଆପେଆପେ ହୋଇପାରିବ। ଗାଁ ଗାଁରେ ଚାଷୀମାନେ ସଙ୍ଗଠିତ ହୋଇ ଏହି ଭଳିଆ ଉଦାହରଣ କରିପାରିଲେ ତାଙ୍କୁ କେହି ଆଉ ଠକିବାର କାହାରି ପକ୍ଷରେ ସମ୍ଭବ ହେବ ନାହିଁ।**

ସୁବର୍ଣ୍ଣପୁର ଜିଲ୍ଲାର ପ୍ରାୟତଃ ସମସ୍ତେ ଚାଷ ଉପରେ ନିର୍ଭର କରନ୍ତି। ଚାଷ ପାଇଁ ପାଣିର ଆବଶ୍ୟକତା ରହିଛି। ଜିଲ୍ଲାର ଭୌଗୋଳିକ ଅବସ୍ଥିତି ବେଶ୍ ସୁଦୃଢ଼। ଏହି ଜିଲ୍ଲାରେ ପ୍ରବାହିତ ହେଉଛି ଅନେକ ନଦୀ, ନାଳ, ଝରଣା। ତନ୍ମଧ୍ୟରୁ ମହାନଦୀ, ତେଲନଦୀ, ସୁକତେଲ, ନିବୃତ୍ତି, ଅଙ୍ଗ, ହରିହରଜୋର, ସୁରୁବାଲି ଆଦି ପ୍ରମୁଖ ଅଟନ୍ତି। ଏହି ପରିସ୍ଥିତିରେ ଜିଲ୍ଲାର ସମସ୍ତ ବ୍ଲକରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ଉପଯୁକ୍ତ ଜଳ ସେଚନ ଦେଖିବାକୁ ମିଳିବା କଥା। କିନ୍ତୁ ସ୍ୱାଧିନତାର ସାତ ଦଶନ୍ଧି ପରେ ଏହା ସମ୍ଭବ ହେଇନାହିଁ। ଏବେ ମଧ୍ୟ ଚାଷୀ ପାଣି ସକାଶେ ବର୍ଷାକୁ ଚାହିଁ ରହିଥାଏ। ଯଦିବି କିଛି ବ୍ଲକକୁ ଜଳସେଚନର ସୁବିଧା ବିଭିନ୍ନ ମାଧ୍ୟମରେ ଯୋଗାଇ ଦିଆଯାଇଛି ତାହା ପର୍ଯ୍ୟାପ୍ତ ହେଇନାହିଁ। ହୀରାକୁଦ ବହୁମୁଖୀ ଜଳସେଚନ ମାଧ୍ୟମରେ ଡୁଙ୍ଗୁରିପାଲି, ବିନିକା ଏବଂ ହରିହରଜୋର୍ ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ଉଲୁଣ୍ଡା ଓ ବିରମହାରାଜପୁର ଅଞ୍ଚଳର କିଛିକାଂଶ ଜମି ଜଳସେଚିତ ହୋଇଥାଏ। ତରଭା ବ୍ଲକକୁ ନିବୃତ୍ତି ଓ ସୋନପୁର ବ୍ଲକକୁ ଅଙ୍ଗ ଜଳସେଚନ ସୁବିଧା। ତାହା ମାଧ୍ୟମରେ ଅଳ୍ପ କିଛି ଚାଷୀ ଉପକୃତ ହେବାର ଆଶାରେ ସବୁବେଳେ ନିରାଶ ହୋଇଥାନ୍ତି। ଅନ୍ୟାନ୍ୟ ମାଧ୍ୟମରେ ଯାହା ଜଳସେଚନ ସୁବିଧା ଯଦିବି ରହିଛି ତାହା ତଳିଆ ଅଞ୍ଚଳକୁ ଅପହଞ୍ଚ ରହିଥାଏ। କିନ୍ତୁ ଜଳସେଚନର ସୁବିଧାରୁ ବଞ୍ଚିତ ରହି ମଧ୍ୟ ଖଜଣା ଅସୁଲ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଦେଖିବାକୁ ଗଲେ ଜିଲ୍ଲାର ସମସ୍ତ ଅଞ୍ଚଳର ସମସ୍ୟା ପ୍ରାୟତଃ ଉଣା ଅଧିକେ ସମାନ ଅଟେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହା ରାଜନୈତିକ ଓ ପ୍ରଶାସନ ମାଧ୍ୟମରେ ସମ୍ଭବ ହେଉନାହିଁ। ଏହାର ନିବାରଣ ଲାଗି ଚାଷୀଙ୍କ ତରଫରୁ ଉତ୍ତମ ପ୍ରଚେଷ୍ଟା ହେବା ଦରକାର। ପ୍ରଶାସନ ଓ ସରକାରଙ୍କ ଉପରେ ଏଥିପାଇଁ ଚାପ ସୃଷ୍ଟି କରିବା କଥା। ଏହି କାର୍ଯ୍ୟ ସକାଶେ ସବୁଠାରୁ ବଡ଼ ଅଭାବ ଯେତେଦୂର ଯାହା ଅନୁଭବ ହୁଏ, ତାହାହେଉଛି ଚାଷୀ ମାନଙ୍କ ମଧ୍ୟରେ ସଙ୍ଗଠନର ଅଭାବ। ଚାଷୀମାନେ ସଙ୍ଗଠିତ ଜଣାପଡୁଥିଲେ ମଧ୍ୟ ବ୍ୟବସାୟିକ ସ୍ତରରେ ସଙ୍ଗଠିତ ନୁହନ୍ତି। ସେମାନେ ବିଭିନ୍ନ ରାଜନୈତିକ ଦଳ ସହ ସମ୍ପୃକ୍ତି ରହି ନିଜର ହିତ ସାଧନ କଥା ଉଠାଉଥିଲେ ମଧ୍ୟ ତାହା ଫଳ ପ୍ରଦ ରହୁନାହିଁ। ଯାହାକି ଚିନ୍ତାର ବିଷୟ ଅଟେ। ଚାଷୀ ଉପକୃତ ହୋଇପାରିନଥିବା ବେଳେ ଉକ୍ତ ବ୍ୟବସାୟ ସହ ସମ୍ପୃକ୍ତ ବ୍ୟବସାୟୀ ମାନେ ବେଶ ଲାଭବାନ ହେଉଥିବା ଦେଖିବାକୁ ମିଳେ। ଯଥା ଦଲାଲ , କୀଟନାଶକ ଦ୍ରବ୍ୟ , ସାର ଓ ମଞ୍ଜି ବିକ୍ରୟ କରୁଥିବା ବ୍ୟବସାୟୀ ମାନେ। ଯେ ଯାହା କହୁ ପଛେ, ଚାଷୀଙ୍କ ଅଜ୍ଞାନତା ଓ ସଙ୍ଗଠନର ଅଭାବ ଯୋଗୁଁ ଅନ୍ୟମାନେ ଏହି ଅସହାୟତାର, ଅଜ୍ଞାନତାର ଫାଇଦା ଉଠାଇ ବର୍ଷ ବର୍ଷ ଧରି ଶୋଷଣ କରି ଚାଲିଛନ୍ତି।
ତେଣୁ କିଛି ବର୍ଷ ମଧ୍ୟରେ ଦଲାଲ୍, କୁଜିନେତା, ବେପାରୀ ମାନେ ମଟର ସାଇକେଲ ଓ ଚାରିଚକିଆ ଗାଡ଼ି ଧରି ବୁଲୁଥିବା ଦେଖିବାକୁ ମିଳିଥାଏ। ହେଲେ ବିଚରା ଚାଷୀ ଫଟା ଚପଲ ପିନ୍ଧିବା ଦେଖିବାକୁ ମିଳୁଛି। ମଟର ସାଇକେଲ୍ ଓ ଚାରି ଚକିଆ ତାହା ପାଇଁ ଦିବା ସ୍ୱପ୍ନ ପରି। ଆଉ ଗୋଟାଏ ଚାଷ ଅମଳ ଓ ବିକ୍ରି କିଭଳି ଠିକ୍ ଭାବରେ କରିବ ସେହି ଚିନ୍ତାରେ। ସେ ଯାହାକୁ ଠିକ୍ ଭାବି ତାହା ପଛରେ ଗୋଡାଇ ଥାଏ ସେମାନେ କିନ୍ତୁ ନ୍ୟାୟ ପ୍ରଦାନ ବଦଳରେ ତାହା ମାଧ୍ୟମରେ ସେମାନେ ନିଜେ ମାଲେମାଲ୍ ହେଉଥିବା ଦେଖିବାକୁ ମିଳିଥାଏ। ବିଚରା ଚାଷୀ ବୁଝି ପାରେ ନାହିଁ। ଏଣୁ ଗାଁ ଗାଁରେ ଚାଷୀ ମାନେ ସଙ୍ଗଠିତ ହୋଇ ତାଙ୍କ ମଧ୍ୟରୁ କିଛି ଲୋକ ଯଦି ଅମଳ ହୋଇଥିବା ଶସ୍ୟର ବିକିବାର ଦାୟିତ୍ୱ ନିଃସ୍ୱାର୍ଥପର ଭାବରେ ନେବେ ତାହାହେଲେ ହୁଏତ ଏହାର କିଛି ସମାଧାନର ବାଟ ଦେଖିବାକୁ ହେବ। ଆଉଗୋଟାଏ କାମ ମଧ୍ୟ ଏହାରି ମାଧ୍ୟମରେ କରାଯାଇ ପାରିବ ତାହାହେଲା ପାରମ୍ପରିକ ଚାଷ ସହ ଆଉ କେଉଁ ଚାଷ କଲେ ଉପଯୁକ୍ତ ଅମଳ ଏବଂ ଲାଭ ମିଳିପାରିବ ତାହା ଦେଖିବାପାଇଁ ଜିଲ୍ଲାରେ ରହିଥିବା ବିଜ୍ଞାନ ଓ ଗବେଷଣା କେନ୍ଦ୍ରର କର୍ମଚାରୀଙ୍କ ସହ ସମନ୍ୱୟ ରଖିବା। ଏହା ହୋଇପାରିଲେ ଯେଉଁ ଶସ୍ୟର ଚାହିଦା ଓ ବଜାର ରହିଛି ତାହା ମିଳିପାରିବ। ଏତକ କରିପାରିଲେ ଚାଷୀ ମାନଙ୍କ ଅନେକ ସମସ୍ୟାର ସମାଧାନ ଆପେଆପେ ହୋଇପାରିବ। ଗାଁ ଗାଁରେ ଚାଷୀମାନେ ସଙ୍ଗଠିତ ହୋଇ ଏହି ଭଳିଆ ଉଦାହରଣ କରିପାରିଲେ ତାଙ୍କୁ କେହି ଆଉ ଠକିବାର କାହାରି ପକ୍ଷରେ ସମ୍ଭବ ହେବ ନାହିଁ। ଏହାଦ୍ୱାରା ଆଉ ଗୋଟିଏ ଲାଭ ମିଳିପାରିବ ବୋଲି ଆଶା ରହିବ ସରକାରୀ କଳ ଅବହେଳା ନ କରି ଚାଷୀଙ୍କ ପାଖରେ ପହଞ୍ଚିବ। ଇତିମଧ୍ୟରେ ରାଜ୍ୟରେ ନୂତନ ସରକାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେପରେ ଧାନ ଶସ୍ୟର ସର୍ବନିମ୍ନ ସହାୟକ ଦର କୁଇଣ୍ଟାଲ ପିଛା ରାଶି ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହାକୁ ମିଳିବାରେ ସହାୟକ ହେବ। ଅତଏବ କାହାରି ଉପରେ ନିର୍ଭର ନ କରି ନିଜନିଜ ଗାଁର ଚାଷୀ ଏକତ୍ରିତ ସଙ୍ଗଠିତ ହୋଇ ଜିଲ୍ଲାରେ ଏକ ଚାଷୀ ସଙ୍ଗଠନ ଗଠନ କରିପାରିଲେ ପ୍ରଶାସନ ଉପରେ ତଥା ନିର୍ବାଚିତ ପ୍ରତିନିଧିଙ୍କ ଉପରେ ଚାପ ସୃଷ୍ଟିକାରି ସଙ୍ଗଠନ ଭାବରେ କାର୍ଯ୍ୟ କରାଯାଇ ପାରିବ। ନିଜର ଉଦ୍ଧାରକର୍ତ୍ତା ନିଜେ ନ ସାଜିଲେ ପ୍ରତାରଣାର ଶିକାର ହୋଇଚାଲିଥିବେ ଏଥିରେ ସନ୍ଦେହ ନାହିଁ। ତେଣୁ ନିଜେ ନିଜର ଉଦ୍ଧାରକର୍ତ୍ତା ସାଜିବା ପାଇଁ ଗାଁ ଗାଁରେ ସଙ୍ଗଠିତ ହେବା ଜରୁରୀ ଅଟେ। ଜିଲ୍ଲାରେ କର୍ମ ସଂସ୍ଥାନ ସକାଶେ କୃଷି ହିଁ ମୁଖ୍ୟ ଅଟେ। ଏହାରି ମାଧ୍ୟମରେ ବ୍ୟାପକ ରୋଜଗାର ସୃଷ୍ଟି କରାଯାଇ ପାରିବ ସେଥିପାଇଁ ଆମେ ସଙ୍ଗଠିତ ହୋଇପାରିଲେ କୃଷି ସମ୍ବନ୍ଧୀୟ ଉଦ୍ୟୋଗ ପାଇଁ ସରକାରଙ୍କ ପାଖରେ ଦାବି ରଖିପାରିବା। ଜିଲ୍ଲାରେ କୃଷି ବିଦ୍ୟାଳୟ/ମହାବିଦ୍ୟାଳୟର ଆବଶ୍ୟକତା ରହିଛି ତାହା ମଧ୍ୟ ଉପସ୍ଥାପନ କରିପାରିବା। ସାଧାରଣତଃ ଚାଷ ଭଳି ବ୍ୟବସାୟକୁ ନିମ୍ନସ୍ତର ବୋଲି ଧାରଣା ରହିଛି ତାକୁ ମନରୁ ଦୁରୀଭୂତ କରିବାକୁ ହେବ। ଏଥିପାଇଁ କୃଷି ସମ୍ବନ୍ଧୀୟ ଉଦ୍ୟୋଗ ପାଇଁ ପ୍ରୋତ୍ସାହନର ଆବଶ୍ୟକତାକୁ ପୂରଣ ନିମନ୍ତେ ସଙ୍ଗଠିତ ଭାବରେ ସରକାରଙ୍କ ପାଖରେ ନିଜର ମତ ରଖିବା ପାଇଁ ସକ୍ଷମ ହେବାକୁ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଚାଷୀମାନଙ୍କ ସକାଶେ ଅନେକ ଯୋଜନାମାନ ରହୁଛି କିନ୍ତୁ ତାହା ସମସ୍ତ ଚାଷୀଙ୍କ ପାଖରେ ପହଞ୍ଚିବା ଆଗରୁ ହଜି ଯାଉଛି କିମ୍ବା କିଛି ମାତ୍ର ଚାଷୀ ଯେଉଁମାନେ ନେତୃଶ୍ରେଣୀୟ ସେମାନେ ସବୁ ହଡ଼ପ୍ କରି ନେଉଛନ୍ତି। ତାହାକୁ ରୋକାଯାଇପାରିବ ଯଦି ସମସ୍ତ ଚାଷୀ ଗାଁ ଗାଁରେ ସଙ୍ଗଠିତ ହୋଇ ଉକ୍ତ କାର୍ଯ୍ୟ ସବୁ ନିରୀକ୍ଷଣ କରିବେ। ଚାଷୀ ଗାଁରେ ସଙ୍ଗଠିତ ହୋଇପାରିଲେ ଜିଲ୍ଲା କୃଷି ବିଭାଗ ଯେଉଁ ଅବହେଳା କରୁଛି ଚାଷୀଙ୍କ ପାଖରେ ପହଞ୍ଚି ଅଭାବ ଅସୁବିଧା ଓ ଅଭିଯୋଗ ଶୁଣୁନାହିଁ ତାହାହେଲେ ବାଧ୍ୟ ହେବ ଗାଁ ଚାଷୀଙ୍କ ଦ୍ୱାର ମୁହଁରେ ବିଲରେ ପହଞ୍ଚି ସମସ୍ୟାର ସମାଧାନ କରିବାକୁ। ସରକାରଙ୍କୁ ଚାଷୀର ମାନ ଦଣ୍ଡରେ ଉନ୍ନତି ଦିଗରେ ଯତ୍ନବାନ୍ ହେବାକୁ ହେବ। ମାଗଣା ଗୃହ କିମ୍ବା କିଛି ଦିନ ପାଇଁ କିଛି କାମ ଯୋଗାଇ ଦେଲେ ସମସ୍ୟାର ସମାଧାନ ହେବ ନାହିଁ। ବର୍ତ୍ତମାନ ନୂତନ ସରକାର ରାଜ୍ୟ ପାଇ ପାରିଛି। ପବିତ୍ର ଦେବଭୂମି ଜିଲ୍ଲା ସୁବର୍ଣ୍ଣପୁରରେ ପ୍ରଥମ କରି ପଦ୍ମ ଫୁଟାଇ ଭାରତୀୟ ଜନତା ପାର୍ଟିର ପ୍ରଥମ ବିଧାୟକ ହେବାର ଏକ ବିରଳ ରେକର୍ଡର ଅଧିକାରୀ ହୋଇପାରିଛନ୍ତି, ଶ୍ରୀମାନ୍ ରଘୁନାଥ ଜଗଦଲା। ଯୁଗଯୁଗ ପାଇଁ ଏହା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଲା। ଯାହାକି ଅଭିନନ୍ଦନୀୟ ଅଟେ। ଏହା ସହ ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ବଲାଙ୍ଗିର ସଂସଦୀୟ କ୍ଷେତ୍ର ପାଟଣାଗଡ଼ର ଅଭିଜ୍ଞ ରାଜନେତା ଶ୍ରୀମାନ୍ କନକ ବର୍ଦ୍ଧନ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ସହ କୃଷି ଓ ଶକ୍ତି ବିଭାଗ ଭଳିଆ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ପାଇଛନ୍ତି। ସେଥିପାଇଁ ଅଞ୍ଚଳ ବାସୀଙ୍କ ଆଶା ଓ ଆକାଂକ୍ଷା ବଢିଯାଇଛି। କାରଣ ଉକ୍ତ ସଂସଦୀୟ କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲ୍ଲା ଆସୁଛି। ଉଭୟ ଏବେ ଜିଲ୍ଲାରେ ରହିଥିବା କୃଷି କୃଷକର ଆଶାର ନୂତନ କିରଣ ପାଇଁ ନିଶ୍ଚୟ ଯତ୍ନବାନ୍ ହୋଇ ପୂରଣ କରିବେ ବୋଲି ବିଶ୍ୱାସ କରାଯାଏ।
ଏହାକୁ ସାକାର କରିବା ପାଇଁ ଗାଁ ଗାଁରେ ଚାଷୀ ସଙ୍ଗଠିତ ହେବା ଜରୁରୀ ଅଟେ।

# ନିଜେ ନିଜକୁ ରକ୍ଷା କର



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଏବେ ବିଶ୍ୱରେ କର୍କଟ ରୋଗୀଙ୍କ ସଂଖ୍ୟା ଯେପରି ବଢିଚାଲିଛି, ତାହା କ୍ରମଶଃ ମହାମାରୀ ରୂପ ଧାରଣ କରିବା ଆଭିମୁଖ୍ୟ ଅଗ୍ରସର ହେଉଛି ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ଏକ ସ୍ୱାସ୍ଥ୍ୟ ରିପୋର୍ଟରୁ ଜଣାଯାଇଛି ଯେ, କେବଳ ପୂର୍ବ ଭୂମଧ୍ୟ ଅଂଚଳରେ ପ୍ରତିବର୍ଷ ସାଢେ ୪ଲକ୍ଷରୁ ଅଧିକ ଲୋକଙ୍କର ଜୀବନ କର୍କଟ ନେଉଛି। ତେବେ ଭାରତ ଏବଂ ଓଡିଶାରେ ମଧ୍ୟ ଏହି କର୍କଟ ରୋଗୀଙ୍କ ସଂଖ୍ୟା କିଛି କମ୍ ନୁହେଁ। ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମଆର)ର ଜାତୀୟ କର୍କଟ ପଂଜୀକରଣ କାର୍ଯ୍ୟକ୍ରମ ଅନୁଯାୟୀ, ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି। ଆଇସିଏମଆରର ଜାତୀୟ କର୍କଟ ପଂଜୀକରଣ କାର୍ଯ୍ୟକ୍ରମ ରିପୋର୍ଟ ଅନୁଯାୟୀ ଦେଶରେ ୨୦୨୦ରେ ୧୩,୯୨,୧୭୯ କର୍କଟ ପିଡିତ ଥିବାବେଳେ ୦୨୧ରେ ୧୪,୨୭,୪୪୭ ଓ ୨୦୨୨ରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪,୬୧,୪୨୭କୁ ବୃଦ୍ଧି ପାଇଥିଲା। ସେହିପରି ଦେଶରେ ଏହି ୩ବର୍ଷ ମଧ୍ୟରେ ଯଥାକ୍ରମେ ୭,୭୦,୨୩୦ଜଣଙ୍କର ମୃତ୍ୟୁ ୭,୮୯,୨୦୨ଜଣଙ୍କର ଏବଂ ୮,୦୮,୫୫୮ ଜଣଙ୍କ ମୃତ୍ୟୁ ଘଟିଥିଲା। କେବଳ ଏତିକି ନୁହେଁ, ପଞ୍ଜାବ, ହରିଆନା, ହିମାଚଳ ପ୍ରଦେଶ ଓ ଚଣ୍ଡିଗଡରେ ସର୍ବାଧିକ କର୍କଟ ପିଡିତ ଥିବାବେଳେ ସେମାନଙ୍କର ସଂଖ୍ୟା ମଧ୍ୟ ବଢିଚାଲିଛି। ଆମ ରାଜ୍ୟରେ ଶିଶୁକର୍କଟ ରୋଗୀଙ୍କ ସଂଖ୍ୟା ଉଦବେଗଜନକ। ପ୍ରାୟ ୫୦ହଜାର ଶିଶୁ ଆକ୍ରାନ୍ତ ହୋଇଥିବା କୁହାଯାଇଛି। ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ପଞ୍ଜାବରେ ପ୍ରତି ୧ଲକ୍ଷ ଲୋକରେ ୯୦ଜଣ କର୍କଟ ପିଡିତ। ଗତ ୭ବର୍ଷ ମଧ୍ୟରେ ହାରାହାରି ୭.୫୮୬ ନୂଆ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏକଦା ପଞ୍ଜାବର ଭାଟିଣ୍ଡାରୁ ରାଜସ୍ଥାନର ବିକାନିର ଯାଉଥିବା ପାସେଞ୍ଜର ରେଳଗାଡିରେ ସର୍ବାଧିକ କର୍କଟ ରୋଗୀ ଚିକିତ୍ସା ପାଇଁ ଯାଉଥିବାରୁ ତାହା କ୍ୟାନସର ଏକ୍ସପ୍ରେସ ପରିଚିତ ଥିଲା। ଆମ ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ମଧ୍ୟ କିଛି କମ ନୁହେଁ। ୨୦୧୯-୨୦ରୁ ୨୦୨୧-୨୨ ମଧ୍ୟରେ ରାଜ୍ୟରେ ୯୨,୬୧୯ ଜଣ କର୍କଟ ରୋଗୀ ବିଭିନ୍ନ ହସପିଟାଲରେ ଚିକିତ୍ସିତ ହେଉଥିବାବେଳେ ୩୧,୬୯୨ଜଣଙ୍କର ମୃତ୍ୟୁ ଘଟିଥିବା ବିଧାନସଭାରେ ଗତ ବର୍ଷ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ତେବେ ବେସରକାରୀ ରିପୋର୍ଟରେ ଏହି ସଂଖ୍ୟା ଆହୁରି ଅଧିକ ଏଥିରେ ସନ୍ଦେହ ନାହିଁ। ଆମ ରାଜ୍ୟରେ ଏହି ମାରାତ୍ମକ ଦୁରାରୋଗ୍ୟ ବ୍ୟାଧିରେ ବାର୍ଷିକ ହାରାହାରି ୫୦ହଜାରରୁ ଅଧିକ ଲୋକ ଆକ୍ରାନ୍ତ ହେଉଥିବାବେଳେ ୧୫ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟୁଛି। ରାଜ୍ୟରେ ପୁରୁଷ ଲୋକମାନେ ମୁଖ୍ୟତଃ ମୁଖ କର୍କଟରେ ପିଡିତ ହେଉଥିବାବେଳେ ମହିଳାଙ୍କ କ୍ଷେତ୍ରରେ ସ୍ତନକର୍କଟ ଅଧିକ ପରିମାଣରେ ଦେଖାଯାଏ। ଡାକ୍ତରଙ୍କ ମତରେ ମଣିଷ ଶରୀରର କେବଳ ନଖ ଓ ବାଳକୁ ଛାଡିଦେଲେ, ପ୍ରତ୍ୟେକ ଅଙ୍ଗରେ କର୍କଟ ହେବାର ଆଶଙ୍କା ରହିଛି। ଆମ ଦେଶରେ କର୍କଟରେ ପିଡିତ ରୋଗୀଙ୍କ ମଧ୍ୟରୁ ୪୦ରୁ ୫୦ ପ୍ରତିଶତ ହେଉଛନ୍ତି ମୁଖ ଗହ୍ୱର କର୍କଟ ରୋଗୀ। ମୁଖ କର୍କଟର ମୁଖ୍ୟ କାରଣ ହେଉଛି ତମାଖୁ ଓ ଗୁଟଖା ସେବନ। ତମାଖୁ, ଗୁଟଖା ଧୂମପାନ ଆଦି ଦ୍ରବ୍ୟରେ ବୈଧାନିକ ସତର୍କତା ସତ୍ତ୍ୱେ ଏହାର ସେବନ ବଢି ଚାଲିଛି । ଯଦି ଏହାକୁ ନିୟନ୍ତ୍ରଣ କରାଯାଇପାରନ୍ତା, ତେବେ ୪୦ପ୍ରତିଶତ ମୁଖ ଗହ୍ୱର କର୍କଟ ରୋଗୀଙ୍କ ସଂଖ୍ୟା କମିଯିବ, ଏଥିରେ ସନ୍ଦେହ ନାହିଁ। ସେହିପରି କର୍କଟ ରୋଗର ଆଉ ଏକ କାରଣ ହେଉଛି, କୀଟ ନାଶକ ଔଷଧର ବହୁଳ ବ୍ୟବହାର। ଏବେ ସମସ୍ତେ ପନିପରିବା, ଧାନ, ମୁଗ, ଗହମ, ଆଖୁ ଆଦି ଫସଲରୁ ରୋଗ ଦାଉରୁ ରକ୍ଷା ପାଇଁ ବହୁଳ ଭାବରେ କୀଟନାଶକ ଔଷଧ ବ୍ୟବହାର ହୋଉଛି। ରାଜ୍ୟର ଭାତହାଣ୍ଡି ଭାବେ ପରିଚିତ ବରଗଡ ଜିଲ୍ଲାରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପଛରେ ଅତ୍ୟଧିକ ରାସାୟନିକ ସାର ବ୍ୟବହାର ଓ କୀଟନାଶକ ଔଷଧ ଫସଲରେ ବ୍ୟବହାର ବୋଲି କୁହାଯାଇଛି। ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ, ଆମ ଦେଶରେ ବ୍ୟବହୃତ ୨୩୪ଟି ପଞ୍ଜିକୃତ ରାସାୟନିକ ଔଷଧ ମଧ୍ୟରୁ ଅନେକ ଏହାର ମାରାତ୍ମକ ପ୍ରଭାବ ଯୋଗୁଁ ବିଦେଶରେ ନିଷିଦ୍ଧ ହୋଇଥିବାବେଳେ ଆମେ ସେଗୁଡିକୁ ଅତ୍ୟଧିକ ମାତ୍ରାରେ ବ୍ୟବହାର କରିଚାଲିଛୁ। ଏହାର ପ୍ରଭାବରେ କେବଳ ଖାଦ୍ୟ ନୁହେଁ, ଜୀବନରକ୍ଷାକାରୀ ଜଳ, ମାଟି, ପବନ ସବୁକିଛି ବିଷାକ୍ତ ହୋଇଯାଇଛି। ଏ ନେଇ ଜନସାଧାରଣ ଏବଂ ସରକାରୀ କଳ ବୋଧହୁଏ ସଚେତନ ଥିବା ମନେହୁଏ ନାହିଁ। କର୍କଟର ନିରାକରଣ ପାଇଁ ସରକାର ଜନସାଧାରଣଙ୍କୁ ସଚେତନ କରିବା ଆବଶ୍ୟକ। ଏହା ସତ୍ୟ ଯେ, ପ୍ରାଥମିକ ପର୍ଯ୍ୟାୟରେ ରୋଗ ଚିହ୍ନଟ ହୋଇପାରିଲେ, ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବ, ଏଥିରେ ସନ୍ଦେହ ନାହିଁ। ତେବେ ରୋଗ ସମ୍ପର୍କରେ ବ୍ୟାପକ ସଚେତନତା ଜରୁରୀ। କିନ୍ତୁ ଏହା ନିସନ୍ଦେହ ଯେ, ଲୋକମାନେ ନିଜେ ନିଜେ ଜାଣିଶୁଣି କର୍କଟକୁ ଆମନ୍ତ୍ରଣ କରୁଛନ୍ତି। ତମାଖୁ, ସିଗାରେଟ, ମଦ ଆଦି ମାଦକ ଦ୍ରବ୍ୟ ଉପରେ ବୈଧାନିକ ଚେତାବନୀ ରହିଛି। ଏପରିକି କଙ୍କଡାବିଛା(କର୍କଟ)ର ଛବି ରହିଛି। ଯାହାକି ମାରାତ୍ମକ କର୍କଟ ରୋଗର ଚେତାବନୀ। ସେହିପରି ଧୂମପାନ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ବୋଲି ସତର୍କ କରାଇ ଦିଆଯାଇଛି। ଏହା ସତ୍ତ୍ୱେ ଜାଣିନଜାଣିବା ପରି ଲୋକେ ତମାଖୁ, ସିଗାରେଟ ମଦ ଛାଡିପାରନ୍ତି ନାହିଁ। ଯାହାକି କର୍କଟ ରୋଗର ବାହାକ। ନିଜେ ଯଦି ଆମେ ନ ହେଜିବା, ଆମକୁ ସତର୍କ କରିବ କିଏ ?

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

# ପାପାଙ୍କ ପ୍ରେରଣା



ନଗେନ୍ଦ୍ର ନାଥ ପଟ୍ଟନାୟକ

ପୁଅ ! ଆଜି ତୋ ସ୍କୁଲ୍‌ର ଫୁଟ୍‌ବଲ୍ ମ୍ୟାଚ୍ ହେଉଛି ନା !' ପାପା ଅଫିସ୍ ଯାଉ ଯାଉ ରୋହନକୁ ପଚାରିଲେ । ରୋହନ ଉଦାସ ମନରେ କହିଲା- 'ହଁ ଯେ ପାପା ! ହେଲେ ମୁଁ ମ୍ୟାଚ୍ ଦେଖିବାରେ ମନ କରୁନି ।' କାହିଁକି ? ତୁ ମଧ୍ୟ ତୋ ସ୍କୁଲ୍‌ର ଖୁବ୍ ଭଲ ଫୁଟ୍‌ବଲ୍ ଖେଳାଳୀ... ତୋ ଖେଳକୁ ନିଶ୍ଚେ ଦେଖିବା ଦରକାର ।' ପାପା ତାକୁ ବୁଝାଇ କହିଲେ । 'ପାପା ! ମୁଁ ଯଦି ଖୁବ୍ ଭଲ ଫୁଟ୍‌ବଲ୍ ଖେଳାଳୀ ମତେ ବଛାବଛା ଫୁଟ୍‌ବଲ୍ ଖେଳାଳୀଙ୍କ ଦଳରେ ଚୟନ କରାଗଲାନି କାହିଁକି ?' ରୋହନର ଏଇ ପ୍ରଶ୍ନର ଉତ୍ତରରେ ପାପା କହିଲେ- 'ରୋହନ ! କି କଥା କହୁଛୁ ! ଚୟନ ଆଜି ନାହିଁ କାଲି ତ ହେବ ନା... ତୋର କାମ ହେଉଛି ଅଭ୍ୟାସ ଜାରି ରଖିବା' ।

ପାପାଙ୍କ କଥା ପଦକ ଶୁଣି ରୋହନ ଫୁଟ୍‌ବଲ୍ ମ୍ୟାଚ୍ ଦେଖିବା ପାଇଁ ରାଜି ହୋଇଗଲା । ରୋହନ ଓ ତା'ର କିଛି ସାଙ୍ଗ ମ୍ୟାଚ୍ ଆରମ୍ଭ ହେବା ଆଗରୁ ପଡିଆରେ ପହଞ୍ଚିଗଲେ ।

ସେତେବେଳେ ରୋହନ ଦେଖିଲା ଦଳର କୋଚ୍ ସାର୍ ଗୋଟେ କଡରେ ଏକା ବସିଛନ୍ତି । ସେ ତାଙ୍କ ପାଖକୁ ଯାଇ କହିଲା- 'ସାର୍ ! ଆପଣ ଏଠି କ'ଣ ଏକୁଟିଆ ବସିଛନ୍ତି ? ଆପଣଙ୍କ ଦେହପା ଠିକ୍‌ଠାକ୍ ଅଛି ନା !'

'ଦେହପା' ମୋର ରାଜୁ ବିଗାଡି ଦେଲା ।' କୋଚ୍ କହିଲେ । 'କ'ଣ ହେଲା... ସାର୍ ?' ରୋହନ ପଚାରିଲା । ସେ କହିଲେ- 'ରୋହନ ! କଥା କଣନା ରାଜୁକୁ ସିନା ଟିମ୍‌ରେ ସାମିଲ୍ କରାଯାଇଥିଲା । ହେଲେ ଅଭ୍ୟାସ କରିବା ପାଇଁ ସେ କାଲିବି ପଡିଆରେ ପହଞ୍ଚିଲା ନାଇଁ ।' 'ଏବେ କ'ଣ କରାଯିବ, ସାର୍ !' ରୋହନ ପଚାରିଲା । କୋଚ୍ ସାର୍ କହିଲେ- 'ପୁଅ ! ସେ ଏବେସୁଦ୍ଧା ପଡିଆରେ ପହଞ୍ଚିନାହିଁ । ବାଳକଟି ବଡ ବେପରୁଆ ।' ବହୁ ସମୟ ଧରି ଅପେକ୍ଷା କରିବା ପରେ କୋଚ୍ ସାର୍ ରୋହନକୁ କହିଲେ- 'ରୋହନ ! ତମେ ଆଜି ରାଜୁ ଜାଗାରେ ସାମିଲ୍ ହେଇ ଫୁଟ୍‌ବଲ୍ ମ୍ୟାଚ୍ ଖେଳିବ ।' କ'ଣ କହୁଛନ୍ତି ସାର୍ ମୁଁ... ମୁଁ ତ ଦଳରେ ଅତିରିକ୍ତ ଖେଳାଳୀ ଭାବେ ବି ସାମିଲ୍ ହୋଇନି...।' ରୋହନ ତାଜୁବ ହେଇ କହିଲା ।

ସାର୍ ତୁଣ୍ଡରୁ ଏ କଥା ପଦକ ବାହାରିବା ମାତ୍ରେ ରୋହନ ପ୍ରସ୍ତୁତିରେ ଜୁଟିଗଲା । ତା'ଖୁସୀ କହିଲେ ନସରେ । କୋଚ୍ ସାର୍ ଶେଷ ତାଲିକା ମ୍ୟାଚ୍ ରେଫ୍‌ରୀ ହାତକୁ ବଢାଇ ଦେଲେ । ସେଥିରେ ରାଜୁ ଜାଗାରେ ରୋହନର ନାମ ଥିଲା । ଟିକିଏ ପରେ ମ୍ୟାଚ୍ ଆରମ୍ଭ ହେଲା । ପ୍ରଥମ ପାଳିରେ ପବ୍ଲିକ୍ ସ୍କୁଲ୍‌ର ଦଳଙ୍କ ପଲାଭାରି ଥିଲା, ହେଲେ ଯେତିକି ଯେତିକି ବେଗ ଦ୍ରୁତତର ହେଉଥିଲା ରୋହନ ଦଳର ପ୍ରଦର୍ଶନ ବେଶ୍ ଆକର୍ଷଣୀୟ ଲାଗୁଥିଲା ।

ରୋହନ ଲଗାତର ଭାବେ ଦୁଇଟି ଗୋଲ୍ ଦେଇ ମ୍ୟାଚ୍‌ଟିକୁ ତା' ପକ୍ଷକୁ ନେଇ ଆସିଲା । ରୋହନର କୌଶଳପୂର୍ଣ୍ଣ ଖେଳ ଉପସ୍ଥିତ ସବୁରିଙ୍କ ମନକୁ ବେଶ୍ ଛୁଇଁଲା । କୋଚ୍ ସାର୍‌ଙ୍କ ମୁହଁରେ ଖୁସୀର ଝଲକ୍ ପରିଷ୍କାର ଭାବେ ବାରିହୋଇ ପଡିଥିଲା । ଶେଷକୁ ମ୍ୟାଚ୍ ଦୁଇ-ଶୂନ୍ ସ୍କୋର୍‌ରେ ସମାପ୍ତ ହେଲା । ମ୍ୟାଚ୍ ଶେଷ ହେବା ମାତ୍ରେ ରୋହନଙ୍କ ସାଙ୍ଗ ପଡିଆରେ ପହଞ୍ଚିଯାଇ ତାକୁ କାନ୍ଧକୁ ଉଠାଇ ବସାଇଲେ । ରୋହନ ଏବେ ସୁଦ୍ଧା ଏଇ ଖବର ତା' ବାପାଙ୍କୁ ଜଣେଇନଥିଲା । 'ହିପ୍‌ହିପ୍‌ହୁରେ... ହିପ୍‌ହିପ୍‌ହୁରେ ।' ଘର ବାହାର ପିଲାମାନଙ୍କ ସୋର୍ ଶବ୍ଦ ଶୁଣି ରୋହନ ପାପା ପଦାକୁ ବାହାରି ଆସିଲେ । ସାଙ୍ଗରେ ତାଙ୍କ ମାମା । ଟ୍ରଫି ସାଥିରେ ରୋହନକୁ ଦେଖି ସେମାନେ ପଚାରିଲେ- 'କଣ ତୋ ସ୍କୁଲର ମ୍ୟାଚ୍ ଜିତିଗଲୁ ?'

'ଆମେ ଖାଲି ମ୍ୟାଚ୍ ଜିତିନେ ତୁମ ରୋହନ ସବୁରିଙ୍କ ହୃଦୟ ବି ଜିତି ନେଇଛି ଅଙ୍କଲ ।' ତାର ଜଣେ ସାଙ୍ଗ ବଡ ପାଟିରେ କହିଲା ।' ଆରେ ଇଏ ତ ଦଳରେ ନଥିଲା... ପୁଣି ଏ ଚମତ୍କାରିତା !' ପାପା ବିସ୍ମୟରେ ପଚାରିଲେ । ରୋହନ ସବୁକଥା ତା' ପାପାଙ୍କୁ ବତେଇଲା ।

'ବାଃ-ବାଃ ! ରୋହନ ତ କମାଲ୍ କରିଦେଲା ।' ପାପା ମାମାଙ୍କ ଆଡକୁ ଚାହିଁ କହିଲେ ।

'ପାପା ! ଏସବୁ ହିଁ ଆପଣଙ୍କ ପ୍ରେରଣାର ଚମତ୍କାରିତା । ଆପଣ ଯଦି ମତେ ମ୍ୟାଚ୍ ଦେଖିବାକୁ ପ୍ରେରିତ ନ କରିଥାନ୍ତେ ଆଜି ପୁଣି ମୋ ଜାଗାରେ ଆଉ କେହି ଖେଳିଥାନ୍ତା ।' ରୋହନ ଆଖି ଲୁହରେ ଛଳ ଛଳ ହୋଇଗଲା । ଖାଲି ସେତିକି ନୁହେଁ, ପାପାଙ୍କ ଆଖିରେ ଲୁହରେ ଓଦା ହୋଇଗଲା । ସେ ସାଙ୍ଗେ ସାଙ୍ଗେ ତାକୁ କୁଣ୍ଢାଇ ପକାଇଲେ ...।

ପ୍ରାକ୍ତନ ଅତିରିକ୍ତଶାସନ ସଚିବ, ଓଡ଼ିଶାସରକାର
ଓସ୍କାରସିଟି, ଲେନ ନଂ-୯, ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲରୋଡ୍ , ଭୁବନେଶ୍ୱର-୦୬
ମୋ-୯୪୩୮୩୩୨୧୩୮

# ସ୍ନାନ ବେଦୀରେ ମହାପ୍ରଭୁ

ସୁନୀଲ କୁମାର ପ୍ରଧାନ



ଜ୍ୟେଷ୍ଠମାସ ଶୁକ୍ଳ ପୂର୍ଣ୍ଣମା ତିଥିରେ
ପଡ଼ଇ ସ୍ନାନ ପୂର୍ଣ୍ଣମା
ଶହେଆଠ ଗରା ସୁବାସିତ ଜଳ
ସ୍ନାନ କରନ୍ତି ମଣିମା

ଚତୁର୍ଦ୍ଧାମୂରତି ସ୍ନାନ ମଣ୍ଡପରେ
ଦେଖିବାକୁ ଭକ୍ତଗଣ
ତାଳ ମୃଦଙ୍ଗ ସାଥିରେ ନାଚିଥାନ୍ତି
ତୁଣ୍ଡେ ନେଇ କୃଷ୍ଣ ନାମ

ମହାପ୍ରଭୁବଳଭଦ୍ର ସ୍ନାନ ହୋନ୍ତି
ତେତିଶି ଯେ ଜଳ ଗରା
ସୁଭଦ୍ରା ମାଆଙ୍କର ବାଇଶି ଗରା
ସୁଦର୍ଶନଙ୍କ ଅଠର

ପ୍ରଭୁ ଶ୍ରୀ ଜଗନ୍ନାଥ ସ୍ନାନ ହୁଅନ୍ତି
ପଞ୍ଚତିରିଶି ଏ ଗରା
ଗଜ ବେଶ ଆହା ସୁନ୍ଦର ଲାଗଇ
ତୃପ୍ତକରେ ମନ ସାରା

ପନ୍ଦରଦିନ ଏ ଜ୍ୱରରେ ପୀଡ଼ିତ
ହୁଅନ୍ତି ମୋ କଳା ଠାକୁର
ବ୍ରହ୍ମଗିରି ଠାରେ ଅଲାରନାଥଙ୍କୁ
ଦର୍ଶନ ମିଳେ ସତ୍ୱର

ଫୁଲୁରି ତେଲକୁ ଶରୀରେ ଲେପନ
କରୁଥାନ୍ତି ସେବାୟତ
ଜ୍ୱରରେ ପୀଡ଼ିତ ମହାପ୍ରଭୁ ମୋର
ସୁସ୍ଥ ହୋଇବେ ତ୍ୱରିତ

ପନ୍ଦରଦିନ କାଳ ପଟିଦିଅଁଙ୍କୁ
ଦର୍ଶନ କରନ୍ତି ରହି
ଏ ନବଯୌବନ ଦର୍ଶନ ପାଇଁକି
ଭକ୍ତ ରହିଥାନ୍ତି ଚାହିଁ ।

ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬

# ଆସିଲା ସ୍କୁଲ ବେଳ

କୀର୍ତ୍ତନ ସାହୁ

ରଜ ସରିଲା ସ୍କୁଲ ଖୋଲିଲା
ଆସିଲା ସ୍କୁଲ ବେଳ
ଚାଲିବ ପାଠ ପଢ଼ା ସାଥୀରେ
କେତେ ମଜାର ଖେଳ

ଗୁରୁ ଗୁରୁମା ଦେଖା ହୋଇବ
ନମିବା ତାଙ୍କ ପାଦେ
ସ୍କୁଲ ହତା କମ୍ପି ଉଠିବ
ଆମରି ନାଚ କୁଦେ

ସାଙ୍ଗ ସାଥିଙ୍କ ମେଳ ହୋଇବ
ଜମିବ ମଜା କେତେ
ଗୁରୁ ଗୁରୁମା କଥା ମାନିବା
ବୁଲିବା ନାହିଁ ଏତେ

କହିବା ଆମେ ମଧୁର ଗପ
ଗାଇବା ମିଠା ଗୀତ
ଆମରି ଭଲ ଗୁଣ ଦେଖିଲେ
ସଭିଏଁ ହେବେ ପ୍ରୀତ

ସବୁଠୁ ଭଲ ସ୍କୁଲ ବେଳ
ପାଠରେ ରଖି ମନ
ଜାଣିବା କେତେ ବଢିବ ଜ୍ଞାନ
ଇଏ ଅସଲ ଧନ ।

ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧



# ସରିଗଲା ଖରାଛୁଟି

ନିରଞ୍ଜନ ସାହୁ

ଖରାଛୁଟି ସରିଗଲା
ସ୍କୁଲ ଖୋଲାହେଲା
ମନରେ ଖୁସି, ଆନନ୍ଦ
ପୁଣି ଦେଖାଦେଲା

ଅବଶ୍ୟ ଖରା ପ୍ରକୋପ
ଆଦୌ ସରିନାହିଁ
ମୌସୁମୀର ଦେଖାନାହିଁ
ବର୍ଷା ଅଛି କାହିଁ ?

ବର୍ଷା ଆସିଗଲା ପରେ
ପାଗ ବଦଳିବ
ସୂର୍ଯ୍ୟ ପ୍ରତି ଆମ ମନେ
ରହିବନି ରାଗ

ସକାଳୁଆ ସ୍କୁଲ ଚାଲେ
ପାଠପଢି ଯିବା
ସାଢ଼େ ଦଶ ବାଜିଗଲେ
ଘରେ ଫେରିଥିବା

ଖରାଛୁଟି କାଟିଅଛେ
ଆମେ କେଉଁପରି
ଭେଟ ହୋଇ କଥାହେବା
ଜଣଜଣ କରି

ଧୀରେଧୀରେ ପାଠ ଠାରେ
ମନ ଲାଗିଯିବ
ବହିଖାତା ସହ ଭାବ
ଯୋଡ଼ି ହୋଇଥିବ

ବିଦ୍ୟାଳୟେ ପାଠପଢା
ଧୀରେ ଆଗେଇବ
ପାଠ ପଢିବାକୁ ଆମ
ମନ ବାଗେଇବ

ସ୍କୁଲ ପୁଣି ଦଶଟାରୁ
ଚାରି ବେଳଯାଏ
ଯେଉଁପରି ଚାଲୁଥିଲା
ତହିଁ ମନ ଥାଏ

ସେହିପରି ବିଦ୍ୟାଳୟ
ଖୋଲା ହେବ ପୁଣି
ଖୁସିହେବା ସେ ଖବର
କାନେ ଦେଲେ ଶୁଣି

ଖରାଛୁଟି ପରେ ସବୁ
ସାଙ୍ଗ ଭେଟ ହେବା
ପରସ୍ପର ପରସ୍ପରେ
ଭାବ ଦେବାନେବା

ଆସ ଆସ ସାଙ୍ଗସାଥି
କରନାହିଁ ଡେରି
ସକାଳୁଆ ସ୍କୁଲ ସାରି
ଆସିବାଟି ଫେରି

ବରଷକ ପରେ ପୁଣି
ଖରାଛୁଟି ହେବ
ଶେଷରଜ ଯାଏ ଛୁଟି
ପୁଣି ଖୁସି ଦେବ ।

ନିହଲ ପ୍ରସାଦ, ଗଁଦିଆ ପାଟଣା , ଢେଙ୍କାନାଳ- ୭୫୯୦୧୬
ମୋ- ୯୯୩୮୭୪୧୫୮୩



# ଶୀରି ମନ୍ଦିରରେ ସ୍ନାନ ପୁନେଇଁ

ରାମଚନ୍ଦ୍ର ବେହେରା

ଜ୍ୟେଷ୍ଠ ପୁନେଇଁରେ ସ୍ନାନ ମଣ୍ଡପରେ
ସ୍ନାନ କରିଥାନ୍ତି ଦିଅଁ
ଦେବସ୍ନାନ ଯାତ ନାମେ ଏ ବିଖ୍ୟାତ
ଛୁଟେ ଭକତଙ୍କ ସୁଅ
କାଳିଆ ସାଆନ୍ତ ଭାଇ ବଳରାମ
ଗେହ୍ଲି ଭଉଣୀ ସାଥୀରେ
ନୀତି ଅନୁରୂପ ପ୍ରଭୁ ସୁଦର୍ଶନ
ସ୍ନାନ କରନ୍ତି ଶ୍ରଦ୍ଧାରେ
ଶହେ ଆଠ ଗରା ପାଣିରେ ଗାଧାନ୍ତି
ସ୍ନାନ ମଣ୍ଡପରେ ବସି
ସ୍ନାନବିଧି ପରେ ଗଜାନନ ବେଶେ
ଦର୍ଶନ ଦିଅନ୍ତି ହସି
କାଳିଆ ଦିଅଁଙ୍କ ଜନ୍ମଦିନ ବୋଲି
ଏହି ଦିବସଟି ଜଣା
ସ୍ନାନ ମଣ୍ଡପେ ସେ ଭକ୍ତଙ୍କ ଆରତ
ହୃଦୟେ କରନ୍ତି ଶୁଣା
ଚତୁର୍ଦ୍ଧା ମୂରତି ସ୍ନାନବିଧି ଅନ୍ତେ
ଜ୍ୱରରେ ପୀଡିତ ହୋଇ
ଅଣସର ଘରେ ବିଶ୍ରାମ କରନ୍ତି
ଭକତଠୁ ଦୂରେ ରହି
ସୁସ୍ଥ ହେବା ପରେ ପୂଣ୍ୟ ବଡଦାଣ୍ଡେ
ଦର୍ଶନ ଦିଅନ୍ତି ଦିଅଁ
ରଥାରୂଢ ହୋଇ ଗୁଣ୍ଡିଚା ଯାତରେ
ଯାଆନ୍ତି ମାଉସୀ ଗୃହ !

ତେନ୍ତୁଳିପଦା, ଜଗତସିଂହପୁର
ମେ-୭୩୫୫୬୩୪୩୪୬

# ଆସିଛି ଆଷାଢ଼

ନୀଳମଣି ରାଉ

ବର୍ଷକ ପରେ ମୌସୁମୀ
ପ୍ରବେଶ ହେଲାଟି
ଆସିଛି ବରଷା ଋତୁ
ସୂଚେଇ ସେ ଦେଲା

କଳା ବଉଦ ଭାସଇ
ହୋଇ ଭେଳା ଭେଳା
ନିଦାଘ ବିଦାୟ ନେଲା
ନ କରିଟି ହେଳା

ନାଚିଲାଣି ମୟୂରଟି
ସତେ ମନ ଭରି
ଝପ ଝପ ଟପ ଟପ
ମେଘ ପଡେ ଝରି

କିଆ, କେତକୀ, କଦମ
ଫୁଲ ଯେ ଫୁଟିବ
ଭାଙ୍ଗିବ ବେଙ୍ଗର ନିଦ
ଏବେରେ ଉଠିବ

ସାତରଙ୍ଗ ଇନ୍ଦ୍ରଧନୁ
ଆକାଶେ ହସି
ଝପଝପ ଟପଟପ
ବରଷା ଖସିବ

ଆଷାଢ଼ରେ ଆଷାଢ଼ ସେ
ହସାଇବ ଧରା
ସ୍ୱାଗତ କରିବା ଆସ
ମିଶି ସବୁ ପରା ।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ପାଖେଇ ଆସିଲା ଜ୍ୟେଷ୍ଠ ପୁନେଇଁ

ନଳିନୀ ଦାଶ



ପାଖେଇ ଆସିଲା ଜ୍ୟେଷ୍ଠ ପୁନେଇଁ
ଉଚ୍ଚାଟ ହେଲାଣି କଳାକହ୍ନେଇ
ମଣ୍ଡପ ରହିଛି ବାଟ ଅନେଇଁ
ଭାଇଭଉଣୀଙ୍କୁ ଅଛି ମନେଇଁ

ଖରା ଗୁଳୁଗୁଳି ପାରେନା ସହି
ସ୍ନାନ ମଣ୍ଡପରେ ଦେବ ମହୀ
ଭକତଙ୍କ ମନ ନେବସେ ମୋହି
ଦେବସ୍ନାନ ନାମେ ପୂର୍ଣ୍ଣମୀ ଏହି

ମଣ୍ଡପରେ ବସି କରିବ ସ୍ନାନ
ଭକତ ପାଇବେ ଦିବ୍ୟ ଦର୍ଶନ
ମନ୍ଦିରେ ଜଗାର ନାହିଁରେ ମନ
ଗାଧୋଇବା ପାଇଁ ହେଲା ଉଛନ

ପଣ୍ଡା ସୁଆରଙ୍କ ସଙ୍ଗତେ ମିଶି
ପହଣ୍ଡିରେ ଆସି ମଣ୍ଡପେ ବସି
ସିନାନ କରିବ ହେଲାଣି ଖୁସି
ମୁରୁକି ମୁରୁକି ଦେଉଛି ହସି

ସୁନାକୂଅ ଜଳେ ଜଗା ଗାଧୋଇ
ଗଜାନନ ବେଶେ ହେବ ସଜେଇ
ଭାଇଭଉଣୀଙ୍କୁ ପାଖେ ବସେଇ
ଭକତ ତାରିବ ଦର୍ଶନ ଦେଇ

ଗଣପତି ଭଟ୍ଟ ରଖିବମାନ
ଜଗତ ଦେଖିବ କଳାମୋହନ
ପବିତ୍ର ହୋଇବ ଭକ୍ତ ନୟନ
ଦେଖ କାଳିଆର ମଣ୍ଡପେ ସ୍ନାନ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୬୬୪୯



# ମନେ ପଡ଼ିଯାଏ

ସୁରମା ମିଶ୍ର



ମନେପଡ଼ି ଯାଏ ଗାଁ ମାଟିଘର
ଉପରେ ଚାଳଛପର
ଖରାର ତାପଟା ଜଣାପଡ଼େ ନାହିଁ
ଲାଗଇ ଭାରି ଶୀତଳ

ମନେ ପଡ଼ିଯାଏ ମାଟିହାଣ୍ଡି ରନ୍ଧା
ଉଷୁନାଭାତ ପଖାଳ
ଗାଡିଆର ମାଛ ବାଡ଼ି ଖଡାଶାଗ
ଦିଶିଯାଏ ଜଳଜଳ

ମନେ ପଡ଼ିଯାଏ ଗାଁ ଜହ୍ନରାତି
ଦାଣ୍ଡରେ କବାଡି ଖେଳ
ଜହ୍ନ ଆଲୁଅରେ ଗାଁଦାଣ୍ଡଟା ତ
ଦିଶୁଥାଏ ଝଲମଲ

ମନେ ପଡ଼ିଯାଏ ଗାଁ ଆମ୍ବତୋଟା
ଟେକା ମାରିବାର ମଜା
ତୋଟା ଜଗୁଆଳି କାନ ମୋଡ଼ିଦେଇ
ଦିଅଇ ଆମକୁ ସଜା

ମନେ ପଡ଼ିଯାଏ ସଉପଟେ ପାରି
ବୁଢ଼ୀମା କୋଳରେ ଶୁଏ
ତା ହାତ ଆଉଁଷା ପାଇଲେ ଟିକିଏ
ନିଦ ମତେ ଘାରିଦିଏ

ମନେ ପଡ଼ିଯାଏ ଗାଁ ମଣ୍ଡପରେ
ବୁଢ଼ାବାପାଙ୍କର ଖେଳ
ସାଙ୍ଗସାଥି ମେଳେ ତାଆସ ଖେଳିସେ
ଖୁସିରେ କାଟନ୍ତି କାଳ

ଗାଁ କଥା ମୋର ମନେପଡୁ ଅଛି
ଭୁଲି ମୁଁ ତ ପାରୁନାହିଁ
ସବୁବେଳେ ଗାଁ ଆଖିରେ ନାଚୁଛି
ଶାନ୍ତିରେ ପାରୁନି ଶୋଇ

ବାପାଙ୍କୁ କହିଲେ ଗାଁକୁ ଯିବାକୁ
ରାଗେ ହୋଇ ତମତମ
କହନ୍ତି ଗାଁରେ କଣ ଅଛି ଯେ
ଯିବାକୁ କରୁଛୁ ମନ

ଆଗପରି ଆଉ ନାହିଁ ସେ ଗାଁରେ
ଲୋକେ ହୋଇ ସଚେତନ
ସହର ସଭ୍ୟତା ଗାଁରେ ପୁରାଇ
କଲେଣି ପରିବର୍ତ୍ତନ

ଯେଉଁ ଶାନ୍ତିଟିକେ ପାଇବା ପାଇଁ ତୁ
ଗାଁକୁ ଯିବାକୁ କହୁ
ଗାଁରେ ସେ ଶାନ୍ତି ନାହିଁତ ଆଉରେ
ଖୋଜିଲେ ପାଇବୁ କାହୁଁ ।

ବିଏଲ ୩୯, ଭିଏସଏସ ନଗର,
ଭୁବନେଶ୍ୱର
ମୋ- ୯୮୫୩୩୪୩୯୬୫

# ସଜାଡ଼ି ରଖିବା ମହତ ଗୁଣ

ଅନନ୍ତ କୁମାର ସେନାପତି



ସଜାଡ଼ିବାକୁ ପକ୍ଷୀଟି ନିତି କାଠି ପତର ଆଣେ,
ପଡିଲେ ଖସି ପୁଣି ଖଞ୍ଜାଇ କଉଶଳଟି ଜାଣେ

ରୋଷେଇ ଘରେ ସଜାଡି ରଖେ ସବୁ ଜିନିଷ ମାଆ,
ଦେଖିଲେ ଦୂରୁ ସୁନ୍ଦର ଲାଗେ ସରଗପୁର ଯାହା

ପରିବାରରେ ମିଳଇ ଖୁସି ସଜଡା ଥିଲେ ମନ,
ଅଭାବ କଷ୍ଟ ଯାହାବି ଆସୁ ସୁଖରେ ଯାଏ ଦିନ



ସଜାଡି ଥିଲେ ଦେଶକୁ ଆମ ଗାନ୍ଧି ମହାତମା,
ନେତାଜୀ, ଚାଚା କେତେ ପରଜା ଆହୁରି ଥିଲେ ନାନା

କେଉଁ କାଳରୁ ଆମରି ପାଇଁ ସଜାଡ଼ିଛନ୍ତି ସାଇଁ,
ପତର, ଫଳ, ଗଛ ଓ ପାଣି ପାଉଁ ତାଙ୍କରି ପାଇଁ

କଥା ସଜାଡି ପାରିଲେ କହି କିଣି ପାରିବା ମନ,
ଅସଜଡ଼ାକୁ ସଜାଡି ନେବା ଅଟେ ମହତ ଗୁଣ ।

ବାଣ୍ଟୁପଡା, ରେଲୱେ ସାଇଡିଙ୍ଗ, ରାଜଗାଙ୍ଗପୁର, ସୁନ୍ଦରଗଡ
ଫୋନ-୭୦୦୮୩୦୪୨୨୫

# ତୁମ ତୂଳୀରୁ ...



କାନଭ ପଟ୍ଟନାୟକ, ଡିବିଏମଏସ ସ୍କୁଲ୍
ଶ୍ରେଣୀ-୪/ଏ, ଜାମଶେଦପୁର, ଟାଟାନଗର

30 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର, ୨୦ ଜୁନ୍, ଗୁରୁବାର, ୨୦୨୪


# ପୁଣି ଚମକିଲେ ନୀରଜ ଭାରତ ପାଇଁ ଆଣିଲେ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ**

ପୁଣି ଚମକିଲେ ସୁନା ପୁଅ ନୀରଜ ଚୋପ୍ରା। ଭାରତ ପାଇଁ ଆଣିଲେ ପୁଣି ଥରେ ସ୍ୱର୍ଣ୍ଣ। ଫିନଲ୍ୟାଣ୍ଡର ଟୁର୍କୁରେ ଖେଳାଯାଇଥିବା ପାଭୋ ନୁର୍ମି କ୍ରୀଡ଼ାରେ ନୀରଜ ସ୍ୱର୍ଣ୍ଣ ପଦକ ଜିତି ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ନିଜ ଆତ୍ମବିଶ୍ୱାସ ବଢ଼ାଇଛନ୍ତି। ଅଲିମ୍ପିକ ତଥା ବିଶ୍ୱବିଜେତା ଜାଭଲିନ୍ ତାରକା ୨୬ ବର୍ଷୀୟ ନୀରଜ ଏକ ମାତ୍ର ଭାରତୀୟ ଭାବେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ତୃତୀୟ ପ୍ରୟାସରେ ୮୫.୯୭ ମିଟର ଯାଏଁ ଜାଭଲିନ୍ ଥ୍ରୋ କରିଥିଲେ। ଏହା ତାଙ୍କୁ ଶୀର୍ଷରେ ରଖିଥିଲା। ସେହିପରି ଫିନ୍‌ଲ୍ୟାଣ୍ଡର ଟୋନି କିରାନେନ ୮୪.୧୯ ମିଟର ଜାଭଲିନ୍ ଫିଙ୍ଗି ରୌପ୍ୟ ପଦକ ଜିତିଥିବାବେଳେ ତାଙ୍କ ଦେଶର ପ୍ରତିଦ୍ୱନ୍ଦ୍ୱୀ ତଥା ଗତ ବର୍ଷର ବିଜେତା ଓଲିଭର ହଲାଣ୍ଡର୍ ୮୩.୯୬ ମିନିଟ୍ ଜାଭଲିନ୍ ଥ୍ରୋ କରି ତୃତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ ଖେଳାଳି ନୀରଜ ଚୋପ୍ରା ୨୦୨୨ ମସିହାରେ ଜାଭେଲିନ ୮୯.୩୦ ମିଟର ଫିଙ୍ଗି ରୌପ୍ୟ ପଦକ ଜିତିଥିଲେ। ଏହା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ସେହି ବର୍ଷ ଡାଇମଣ୍ଡ ଲିଗର ଷ୍ଟକହୋମ୍ ପର୍ଯ୍ୟାୟରେ ଜାଭେଲିନ ୮୯.୯୪ ମିଟର ଯାଏ ଫିଙ୍ଗି ରେକର୍ଡ କରିଥିଲେ।

# ଯୁବରାଜ ଓ ରୋହିତଙ୍କ ସମକକ୍ଷ ହେଲେ ନିକୋଲ୍ସ ପୁରାନ

**ଗ୍ରସ୍ ଆଇଲେଟ୍**

ପୁଣି ଗୋଟିଏ ଓଭରରେ ୩୬ ରନ୍; ଯୁବରାଜ ଓ ରୋହିତଙ୍କ ସମକକ୍ଷ ହେଲେ ଏହି ୱେଷ୍ଟଇଣ୍ଡିଜ ଖେଳାଳି



ଟି-୨୦ ବିଶ୍ୱକପ ମୈଦାନରେ ଆଫଗାନିସ୍ତାନ ବିପକ୍ଷରେ ରେକର୍ଡ କରିଛି ୱେଷ୍ଟଇଣ୍ଡିଜ। ପାୱାର ପ୍ଲେର ଗୋଟିଏ ଓଭରରେ ୩୬ ରନ ସହ ଯୁବରାଜ ସିଂହ ଓ ରୋହିତ ଶର୍ମାଙ୍କ ସମକକ୍ଷ ହୋଇ ପାରିଛନ୍ତି ନିକୋଲ୍ସ ପୁରାନ। ଟି-୨୦ ବିଶ୍ୱକପର ଗ୍ରୁପ୍-ସି ପର୍ଯ୍ୟାୟ ମ୍ୟାଚ୍ ଥିଲା। ଏହି ମ୍ୟାଚ୍ ଆଫଗାନିସ୍ତାନ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ସେଣ୍ଟ ଲୁସିଆର ଡେରେନ ସାମି ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳା ଯାଉଥିଲା। ପ୍ରଥମେ ବ୍ୟାଟିଂ କରୁଥିବା ୱେଷ୍ଟଇଣ୍ଡିଜ ପକ୍ଷରୁ ନିକୋଲ୍ସ ପୁରାନ ଓ ଜନସନ ଚାର୍ଲ୍ସ ଖେଳୁଥିଲେ। ଆଫଗାନିସ୍ତାନ ପକ୍ଷରୁ ଅଜମତଉଲ୍ଲା ଓମାରଜାଇ ଚତୁର୍ଥ ଓଭର ବଲ ପକାଉଥିବା ବେଳେ ବିପକ୍ଷରେ ଥିଲେ ପୁରାନ। ପ୍ରଥମ ବଲ୍‌ରେ ଛକାରୁ ଆରମ୍ଭ ହୋଇଥିଲା ଓଭର। ଏହାପରେ ଦ୍ୱିତୀୟ ବଲରେ ନୋ ବଲ ସହ ଗୋଟିଏ ଚୌକା ସାମିଲ କରି ନେଇଥିଲେ ପୁରାନ। ପ୍ରେସରରେ ଥିବା ଅଜମତଉଲ୍ଲା ନୋ ବୋଲରେ ମଧ ଲେଗ୍ ବାଇ ସହ ଗୋଟିଏ ଚୌକା ଦେଇଥିଲେ। ଏହାର ପରବର୍ତ୍ତୀ ବଲ୍‌ରେ ଗୋଟିଏ ଚୌକା ଏବଂ ଅନ୍ୟ ଦୁଇ ବଲରେ ଦୁଇଟି ଛକା ହାସିଲ କରି ନେଇଥିଲେ ପୁରାନ। ଫଳରେ ଟିମ୍‌କୁ ଗୋଟିଏ ଓଭରରେ ମିଳିଥିଲା ୩୬ ରନ୍।

ଏହି ରନ ସହ ୱେଷ୍ଟଇଣ୍ଡିଜ ଟି-୨୦ ବିଶ୍ୱକପ ମ୍ୟାଚ୍‌ର ପାୱାର ପ୍ଲେର ଗୋଟିଏ ଓଭରରେ ସର୍ବାଧିକ ୩୬ ରନ ସଂଗ୍ରହ କରିଥିଲା। ସେପଟେ ପୁରାନ ମଧ ବ୍ୟକ୍ତିଗତ ଭାବେ ଗୋଟିଏ ଓଭରରେ ୩୬ ରନ ରେକର୍ଡରେ ପ୍ରବେଶ କରିଛନ୍ତି। ଏହି ତାଲିକାରେ ଭାରତର ତିନି ଜଣ ଖେଳାଳିଙ୍କ ନାଁ ସାମିଲ ରହିଛି।

ଯୁବରାଜ ସିଂହ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରୋଡଙ୍କ ବିପକ୍ଷରେ ଛଅଟି ଛକା ସହ ୩୬ ରନ ସଂଗ୍ରହ କରିଥିବା ବେଳେ ରୋହିତ ଶର୍ମା ଓ ରିଙ୍କୁ ସିଂହ ଆଫଗାନିସ୍ତାନର କରିମ ଜନତଙ୍କ ବିପକ୍ଷରେ ଗୋଟିଏ ଓଭରରେ ୩୬ ରନ କରିଛନ୍ତି। ଅନ୍ୟପଟେ ଏହି ମ୍ୟାଚ୍‌ରେ ପୁରାନ ଗୋଟିଏ ଓଭରରେ ୩୬ ରନ ସହ ୯୮ ରନ ସଂଗ୍ରହ କରିଥିଲେ। ଏଥିସହ ଟି-୨୦ ବିଶ୍ୱକପରେ ୨୦୦୦ ରନ ସଂଗ୍ରହ କରିବାରେ ପ୍ରଥମ ୱେଷ୍ଟଇଣ୍ଡିଜ ବ୍ୟାଟର ହୋଇଥିଲେ।

## ଟି-୨୦ ବିଶ୍ୱକପ୍ : ସୁପର-୮ରେ ଆଜି...

ଭାରତ ବନାମ ଆଫଗାନିସ୍ତାନ
ଅଷ୍ଟ୍ରେଲିଆ ବନାମ ବାଂଲାଦେଶ

# ଟିମ୍ ଇଣ୍ଡିଆ ଫିଲ୍ଡିଂ କୋଚ୍ ହୋଇପାରନ୍ତି ଜଣ୍ଟି ରୋଡ୍‌ସ

**ନୂଆଦିଲ୍ଲୀ**



ଟି-୨୦ ବିଶ୍ୱକପ୍ ୨୦୨୪ ସରିବା ପରେ ଭାରତୀୟ ଦଳର କୋଚିଂ ଷ୍ଟାପ୍‌ରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। କାରଣ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ଙ୍କ କାର୍ଯ୍ୟକାଳ ବିଶ୍ୱକପ-୨୦୨୪ ପରେ ସମାପ୍ତ ହେଉଛି। ବିସିସିଆଇ ନୂତନ କୋଚର ସନ୍ଧାନରେ ଥିବା ବେଳେ ଏହି ପଦ ପାଇଁ ଗୌତମ ଗମ୍ଭୀର ସର୍ବାଗ୍ରେ ଅଛନ୍ତି। ଜୁନ୍ ଶେଷ ଆଡ଼କୁ ଗମ୍ଭୀରଙ୍କୁ ନେଇ ଆନୁଷ୍ଠାନିକ ଘୋଷଣା ହୋଇପାରେ। ଦକ୍ଷିଣ ଆଫ୍ରିକାର ମହାନ ଫିଲଡ଼ର ଜଣ୍ଟି ରୋଡ୍‌ସ ଭାରତର ଫିଲ୍ଡିଂ କୋଚ୍ ହୋଇପାରନ୍ତି।

ରେଭସ୍ପୋର୍ଟ୍ସର ରିପୋର୍ଟ ଅନୁଯାୟୀ, ଜଣ୍ଟି ରୋଡ୍ସଙ୍କୁ ଆନୁଷ୍ଠାନିକ ଭାବେ ପ୍ରସ୍ତାବ ମିଳିନାହିଁ। ମାତ୍ର ତାଙ୍କ ପରି ମହାନ୍ ଫିଲ୍ଡରଙ୍କ ଉପରେ ବିସିସିଆ ବିଚାର କରୁଛି। ସାଧାରଣତଃ ମୁଖ୍ୟ କୋଚ୍‌ଙ୍କୁ ନିଜର କୋଚିଂ ଷ୍ଟାଫ୍ ଚୟନ କରିବାର ସ୍ୱାଧୀନତା ରହିଥାଏ। ଏଥିରେ ନିଜ ହିସାବରେ ମୁଖ୍ୟ ପ୍ରଶିକ୍ଷକ ବ୍ୟାଟର, ବୋଲିଂ ଓ ଫିଲ୍ଡିଂ କୋଚ୍ ଚୟନ କରିପାରିବେ। ଏମିତିରେ ଜଣ୍ଟି ରୋଡ୍ସ ଆଇଏଲ୍‌ରେ ଗମ୍ଭୀରଙ୍କ ସହ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସରେ କାମ କରିଛନ୍ତି। ଉଭୟଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଛି। ରୋଡ୍ସ ନିଜ ସମୟରେ ବିଶ୍ୱର ସର୍ବଶ୍ରେଷ୍ଠ ଫିଲ୍ଡର ଥିଲେ। ସେ ୯ ବର୍ଷ ଧରି ମୁମ୍ବାଇ ଇଣ୍ଡିଆନ୍ସର କୋଚିଂ ଷ୍ଟାଫ ଥିଲେ। ଏହା ପରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ର ଫିଲ୍ଡିଂ କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ୨୦୧୯ରେ ଭାରତର ଫିଲ୍ଡିଂ କୋଚ୍ ପାଇଁ ଆବେଦନ କରିଥିଲେ। ମାତ୍ର ତାଙ୍କୁ ସୁଯୋଗ ମିଳି ନ ଥିଲା। ବର୍ତ୍ତମାନ ଭାରତର ଫିଲ୍ଡିଂ କୋଚ୍ ଅଛନ୍ତି ଟି. ଦିଲୀପ।

# ଭାରତ-ଆଫଗାନିସ୍ତାନ ମ୍ୟାଚ୍‌କୁ ନେଇ ବାର୍ବାଡସ୍ ଉତ୍ସାହିତ

**ବ୍ରିଜ୍‌ଟାଉନ୍**

ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟର ଅଧିକାଂଶ ମ୍ୟାଚ୍ ଆମେରିକାରେ ଶେଷ ହେବା ପରେ ଏବେ ବିଭିନ୍ନ ଦଳମାନଙ୍କୁ ବାର୍ବାଡସ୍‌ରେ ସ୍ୱାଗତ କରାଯାଇଛି। ୱେଷ୍ଟଇଣ୍ଡିଜ୍ କ୍ରିକେଟ୍‌ର ମକ୍କା ଭାବେ ପରିଚିତ ବାର୍ବାଡ଼ସ୍‌ରେ ଏବେ ବିଶ୍ୱକପ୍‌ର ଅସଲ ଲଢ଼େଇ ଦେଖିବାକୁ ମିଳିବ। ଏଠାକାର ବ୍ରିଜ୍‌ଟାଉନ୍‌ରେ ସୁପର-୮ର ତିନିଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଭାରତ-ଆଫଗାନିସ୍ତାନ ମୁହାଁମୁହିଁ ହେବେ। ଏହି ମ୍ୟାଚ୍‌କୁ ନେଇ ସମଗ୍ର ବାର୍ବାଡସ୍‌ରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଉଛି। ବିଶେଷ କରି ଏଠାରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବ ଭାରତୀୟ କ୍ରିକେଟରଙ୍କ ଖେଳ ଦେଖିବାକୁ ଚାତକ ଭଳି ଚାହିଁ ରହିଛନ୍ତି। ଆଫଗାନିସ୍ତାନ ମଙ୍ଗଳବାର ତା'ର ଶେଷ ଲିଗ୍ ମ୍ୟାଚରେ ଘରୋଇ ୱେଷ୍ଟଇଣ୍ଡିଜ୍‌ଠାରୁ ହାରିଥିଲେ ମଧ ଗ୍ରୁପ୍-ସିର ଉପବିଜେତା ଭାବେ ସୁପର-୮ ଯାଇଛି। ଅନ୍ୟପକ୍ଷରେ ଭାରତ ଗ୍ରୁପ୍-ଏର ବିଜେତା ଭାବେ ଏହି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଉଭୟ ଏସୀୟ ଦଳ ହୋଇଥିବାରୁ ଗୁରୁବାରର ଏହି ମ୍ୟାଚ୍‌ରେ ଏହି ଦୁଇ ଦଳ ପରସ୍ପରକୁ କଡ଼ା ଟକ୍କର ଦେବେ ବୋଲି ଆଶା କରିଛନ୍ତି



ସେମାନେ। ତେବେ ବାର୍ବାଡସ୍ ପହଞ୍ଚି ସାରିଥିବା ଉଭୟ ଭାରତ ଓ ଆଫଗାନିସ୍ତାନ ଦଳର ଖେଳାଳି ସେଠାକାର ପାଗ ଓ ପରିବେଶକୁ ବେଶ୍ ଉପଯୋଗ କରୁଛନ୍ତି। ସେହିଭଳି ବାର୍ବାଡସ୍‌ର ନିଆରା କ୍ରିକେଟ୍ ସଂସ୍କୃତିରୁ ବି ଅନେକ କିଛି ଶିଖୁଛନ୍ତି।

ଗ୍ରୁପ୍-ଏ ଟପ୍ପର ହୋଇ ସୁପର-୮କୁ ଖେଳିବାକୁ ଆସିଥିବା ଭାରତୀୟ ଦଳ ୨୦ ତାରିଖରେ ଆଫଗାନିସ୍ତାନ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ। କିନ୍ତୁ ନ୍ୟୁୟର୍କ ଓ ଲାଉଡରହିଲ୍‌ରେ ଯେଉଁଭଳି ପିଚ୍‌ରେ ଭାରତ ଖେଳିଥିଲା, ତାହା ସମସ୍ତଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଯାଇଛି। ଦ୍ରୁତ ବୋଲରଙ୍କୁ ବେଶ୍ ସୁହାଉଥିବା ଉକ୍ତ ଦୁଇ ପଡ଼ିଆରେ ବ୍ୟାଟର୍‌ମାନେ ହାତ ଖୋଲି ଖେଳିପାରି ନଥିଲେ। ଆଇପିଏଲ୍‌ରେ ଯେତେବେଳେ ହାରାହାରି ସ୍କୋର ୨୦୦ ଉପରେ ରହୁଥିଲା, ଏଠାରେ କେହି ତାହାର ପାଖାପାଖି ପହଞ୍ଚିପାରି ନାହାନ୍ତି। ଚଳିତ ବିଶ୍ୱକପ୍‌ରେ ଦୁଇଥର ୨୦୦ରୁ ଅଧିକ ସ୍କୋର ହୋଇଛି, ସେସବୁ ପୁଣି ୱେଷ୍ଟଇଣ୍ଡିଜ୍ ମାଟିରେ କିନ୍ତୁ ଆମେରିକାରେ ୧୫୦ ରନ୍, ସମସ୍ତଙ୍କୁ ଗୋଟିଏ ପାହାଡ଼ ଭଳି ଲାଗୁଥିଲା।

ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ଭାରତ କଠିନ ପରୀକ୍ଷାର ସମ୍ମୁଖୀନ ହୋଇ ଆସିଛି ଆୟର୍ଲାଣ୍ଡ, ପାକିସ୍ତାନ ଓ ଆମେରିକା ସହିତ କଷ୍ଟସାଧ ନସାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍ ପିଚ୍‌ରେ ଖେଳିଥିଲା। ଲାଉଡରହିଲ୍‌ଠାରେ କାନାଡ଼ା ସହିତ ହେବାକୁ ଥିବା ମ୍ୟାଚ୍ ଓଦା ପଡ଼ିଆ ଯୋଗୁ ବାତିଲ ହୋଇଯାଇଥିଲା। ସବୁଠୁ ଚିନ୍ତାଜନକ ରହିଛି ବିରାଟ କୋହଲିଙ୍କ ଖରାପ ବ୍ୟାଟିଂ। କୋହଲି ୩ ମ୍ୟାଚ୍‌ରୁ ମାତ୍ର ୫ ରନ୍ କରିଥିବାବେଳେ ସର୍ବୋଚ୍ଚ ପାଳି ହେଉଛି ୪। ସେହିପରି ଜାଡ଼େଜା, ସିରାଜ ଓ ଅକ୍ଷରଙ୍କ ବୋଲିଂ ମଧ ଉତ୍ସାହଜନକ ହୋଇପାରିନି। ଅକ୍ଷର ୩, ସିରାଜ ୧ ୱିକେଟ୍ ପାଇଥିଲା ବେଳେ ଅଲ୍‌ରାଉଣ୍ଡର୍ ଜାଡ଼େଜା ଏପର୍ଯ୍ୟନ୍ତ ଖାତା ଖୋଲି ନାହାନ୍ତି। ତେଣୁ ୱେଷ୍ଟଇଣ୍ଡିଜ୍‌ର ଭିନ୍ନ ପରିବେଶରେ ଭାରତ ଏକାଦଶ ବଦଳାଉଛି ନା ପୂର୍ବ ଦଳକୁ ନେଇ ଖେଳିବା ଜାରି ରଖିବ ତାହା ଉପରେ ଏବେ ପ୍ରଶଂସକଙ୍କ ନଜର ରହିଛି।

# ଫିଫା ଇନଷ୍ଟାଗ୍ରାମ୍‌ରେ ଧୋନି-ରୋନାଲ୍‌ଡୋ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଢେର ସମୟ ହେବ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇ ସାରିଲେଣି। ହେଲେ ତାଙ୍କ ଲୋକପ୍ରିୟତା କାଣିଚାଏ ମଧ ହ୍ରାସ ପାଇନି। ଏକଥା ବିଶ୍ୱ ଫୁଟ୍‌ବଲ୍ ମହାସଂଘ (ଫିଫା)ର ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ପ୍ରକାଶିତ ଲେଖାରୁ ସ୍ପଷ୍ଟ ହୋଇଛି। ପର୍ତ୍ତୁଗାଲର ୟୁରୋକପ୍ ଫୁଟ୍‌ବଲ୍ ମ୍ୟାଚ୍ ପୂର୍ବରୁ ଫିଫା ଏହି ଦେଶର ମହାନ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କୁ ଧୋନିଙ୍କ ଷ୍ଟାଇଲ୍‌ରେ ସମ୍ମାନ ଜଣାଇଛି। ଉଭୟ ଧୋନି ଓ ରୋନାଲ୍‌ଡୋ ୭ ନମ୍ବର ଜର୍ସି ପିନ୍ଧୁଥିବାରୁ ସେମାନଙ୍କ ମଧ୍ୟରେ ସଂପର୍କ ଯୋଡ଼ିଛି। ଫିଫା ଧୋନିଙ୍କୁ ତାଙ୍କ ଚେନ୍ନାଇ ସୁପରକିଙ୍ଗ୍ସ ସମର୍ଥକ ତାମିଲଭାଷାରେ ଥାଲା ବା ବଡ଼ଭାଇ ସମ୍ବୋଧନ କରୁଥିବା ବେଳେ ରୋନାଲ୍‌ଡୋ ପାଇଁ ଫିଫା ଲେଖିଛି ଯେ ଏକ କାରଣ ପାଇଁ ଥାଲା ଏହା କରି କ୍ରିକେଟ ଜଗତରେ ଧୋନିଙ୍କର ଯେମିତି ଏବେବି ଲୋକପ୍ରିୟତା ରହିଛି, ରୋନାଲ୍‌ଡୋଙ୍କର ମଧ ଫୁଟବଲ ଜଗତରେ ସେମିତି ଦବ୍‌ଦବା ରହିଛି ବୋଲି ବାର୍ତ୍ତା ଦେବାକୁ ଚେଷ୍ଟା କରିଛି। ଫିଫା ଫିଫା ତା ଇନଷ୍ଟାଗ୍ରାମ ପୃଷ୍ଠାରେ ପ୍ରକାଶ କରିଥିବା ଏହି ଲେଖା କିନ୍ତୁ ଭାଇରାଲ ହୋଇଛି। ବିଶେଷ କରି ଧୋନି ପ୍ରଶଂସକ ଏହାକୁ ବେଶ୍ ପସନ୍ଦ କରୁଛନ୍ତି।

# କ୍ରୀଡ଼ାବିତ୍‌ଙ୍କ ପାଇଁ ଉତ୍ସର୍ଗୀକୃତ କଳିଙ୍ଗ ଷ୍ଟାଡିୟମ

## ୧୮ଟି ବର୍ଗରେ ଅଭ୍ୟାସ କରୁଛନ୍ତି ୪୪୪୧ ଖେଳାଳି

**ଭୁବନେଶ୍ୱର**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଅଧିନରେ ଥିବା କଳିଙ୍ଗ ଷ୍ଟାଡିୟମ୍ ସମସ୍ତ କ୍ରୀଡ଼ାବିତ୍‌ଙ୍କ ପାଇଁ ଉତ୍ସର୍ଗୀକୃତ। ୧୨ ହଜାର ଦର୍ଶକ କ୍ଷମତାବିଶିଷ୍ଟ ଆଥ୍‌ଲେଟିକ୍ ଷ୍ଟାଡିୟମ୍‌ଠାରୁ ଆରମ୍ଭ କରି ୧୫ ହଜାର ଦର୍ଶକ କ୍ଷମତାବିଶିଷ୍ଟ ହକି ଷ୍ଟାଡ଼ିୟମ୍, ଦେଶର ସର୍ବବୃହତ୍ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡ଼ିୟମ୍, ସ୍ପୋର୍ଟସ କ୍ଲାଇମ୍ବିଂ, ଟେନିସ୍ କମ୍ପ୍ଲେକ୍ସ, ବ୍ୟାଡ଼ମିଣ୍ଟନ୍ କମ୍ପ୍ଲେକ୍ସ, ଇନ୍‌ଡୋର ଆକ୍ୱାଟିକ୍, ଜିମ୍ନାଷ୍ଟିକ୍ ସେଣ୍ଟର, ସୁଟିଂ କମ୍ପ୍ଲେକ୍ସ ଆଦି ସମଗ୍ର ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।

ଏସୀୟ ଦୌଡ଼କୁଦ ଚାମ୍ପିଅନସିପ୍‌ଠାରୁ ଆରମ୍ଭ କରି ୨୦୧୮ ଓ ୨୦୨୩ରେ ଦୁଇଥର ପୁରୁଷ ହକି ବିଶ୍ୱକପ, ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍, ସାଫ୍ ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍, ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଆଦି ଅନେକ କ୍ରୀଡ଼ା ଇଭେଣ୍ଟକୁ ସଫଳତାର ସହ ଆୟୋଜନ କରିବାକୁ କଳିଙ୍ଗ ଷ୍ଟାଡିୟମ୍ ସମର୍ଥ ହୋଇଛି। କେବଳ ପ୍ରତିଯୋଗିତା ଆୟୋଜନ ନୁହେଁ ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭା ଚୟନ କରି ସେମାନଙ୍କ ରହଣି, ଖାଦ୍ୟପେୟ, ଉନ୍ନତ ତଥା ଗୁଣାତ୍ମକ ତାଲିମ ପ୍ରଦାନ କରି ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି କରିବା ନେଇ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଲକ୍ଷ୍ୟ ରଖିଛି। ଉନ୍ନତ ପ୍ରଶିକ୍ଷଣ ସହ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଜରିଆରେ କ୍ରୀଡ଼ାବିତ୍‌ଙ୍କ ସାମର୍ଥ୍ୟ ବୃଦ୍ଧି ପାଇଁ କଳିଙ୍ଗ ଷ୍ଟାଡିୟମ୍ ଉଦ୍ୟମ ଜାରି ରଖିଛି। ବର୍ତ୍ତମାନ ୧୮ଟି କ୍ରୀଡ଼ା



ବର୍ଗରେ ମୋଟ୍ ୪୪୪୧ ଜଣ କ୍ରୀଡ଼ାବିତ୍ ନିୟମିତ କଳିଙ୍ଗ ଷ୍ଟାଡ଼ିୟମ୍ ପରିସରରେ ଅଭ୍ୟାସ କରୁଛନ୍ତି।

କ୍ରୀଡ଼ା ଛାତ୍ରାବାସର କ୍ରୀଡ଼ାବିତ୍‌ଙ୍କ ସହ ଉତ୍କର୍ଷ କେନ୍ଦ୍ର, ତୃଣମୂଳ ସ୍ତରୀୟ ତାଲିମ, ସମର କ୍ୟାମ୍ପ ଆଦି ଜରିଆରେ ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଯର ଛାତ୍ରଛାତ୍ରୀ ଏଠାରେ କ୍ରୀଡ଼ା ଅଭ୍ୟାସ କରୁଛନ୍ତି। ବିଭିନ୍ନ ସ୍ଥାନରୁ ଆସୁଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ସନ୍ତରଣ ବର୍ଗରେ ସର୍ବାଧିକ ୧୩୯୮ ଜଣ, ଦୌଡ଼କୁଦରେ ୫୪୦ ଜଣ, ଫୁଟ୍‌ବଲ୍‌ରେ ୨୩୫ ଜଣ, ହକିରେ ୫୫୦ ଜଣ, ଜିମ୍ନାଷ୍ଟିକ୍‌ରେ ୧୭୬ ଜଣ, ଭାରୋତ୍ତୋଳନରେ ୨୨୧ ଜଣ, ଟେନିସ୍‌ରେ ୧୦୦ ଜଣ, ସ୍ପୋର୍ଟସ କ୍ଲାଇମ୍ବିଂରେ ୬୦ ଜଣ, ସୁଟିଂରେ ୧୯୬ ଜଣ, ଭଲିବଲ୍‌ରେ ୧୧୨ ଜଣ ବାସ୍କେଟ୍‌ବଲରେ ୧୨୫ ଜଣ, ସ୍କେଟିଂରେ ୮୦ ଜଣ, ଜୁଡ଼ୋରେ ୯୭ ଜଣ, ରଗ୍‌ବୀରେ ୧୦୦ ଜଣ, କବାଡ଼ିରେ ୫୩ ଜଣ, ଜିମ୍ନାସିୟମ୍‌ରେ ୩୬୯ ଜଣ, ଯୋଗରେ ୨୦ ଜଣ ଏବଂ ସାଇକଲ ଚାଳନାର ୯ ଜଣ କ୍ରୀଡ଼ାବିତ୍ ନିୟମିତ ଏଠାକାର ପ୍ରାକୃତିକ ପରିବେଶ ମଧ୍ୟରେ ଅଭ୍ୟାସ କରୁଛନ୍ତି।

# ବିନା ପାରିଶ୍ରମିକରେ ଅଫ୍‌ଗାନିସ୍ତାନ କ୍ରିକେଟ୍‌ର ସେବା କରିଛନ୍ତି ଅଜୟ ଜାଡ଼େଜା



**ନୂଆଦିଲ୍ଲୀ**

ଗତ ଦିନିକିଆ ବିଶ୍ୱକପ୍‌ରେ ଆଫ୍‌ଗାନିସ୍ତାନ ଚମତ୍କାର ପ୍ରଦର୍ଶନ ପଛରେ ପୂର୍ବତନ ଭାରତୀୟ କ୍ରିକେଟର୍ ଅଜୟ ଜାଡ଼େଜାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହି କାର୍ଯ୍ୟ ପାଇଁ ଜାଡ଼େଜା କୌଣସି ପାଉଣା ନେବାକୁ ମନା କରିଦେଇଥିଲେ। ଆଫ୍‌ଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି) ସିଇଓ ନସୀବ ଖାନ ଏହା ଉପରୁ ପରଦା ଉଠାଇଛନ୍ତି। ସେ କହିଛନ୍ତି, ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ଜାଡ଼େଜାଙ୍କ କାର୍ଯ୍ୟ ପାଇଁ ଆମେ ଅନେକଥର ତାଙ୍କୁ ଅର୍ଥ ଯାଚିଛୁ। ହେଲେ ପ୍ରତ୍ୟେକ ଥର ଏହାକୁ ସେ ଏଡ଼ାଇ ଦେଇ କୁହନ୍ତି। ଯଦି ତୁମେ ଭଲ ଖେଳ, ଏହା ମୋ ପାଇଁ ଅର୍ଥ ଓ ପୁରସ୍କାର ସଦୃଶ। ଭାରତରେ ଆୟୋଜିତ ଏହି ବିଶ୍ୱକପ୍ ପୂର୍ବରୁ ଜାଡ଼େଜାଙ୍କୁ ଏସିବି ନିଯୁକ୍ତି କରିଥିଲା। ତାଙ୍କ ତତ୍ତ୍ୱାବଧାନରେ ଦଳ ପୂର୍ବତନ ବିଜେତା ଇଂଲଣ୍ଡ ଓ ପାକିସ୍ତାନ ସହ ବାଂଲାଦେଶକୁ ପରାସ୍ତ କରିଥିଲା। ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଅବିଶ୍ୱସନୀୟ ଦ୍ୱିଶତକ ଆଫ୍‌ଗାନିସ୍ତାନ ଅଭିଯାନରେ ରୋକ୍ ଲଗାଇଥିଲା। ୫୩ ବର୍ଷୀୟ ଜାଡ଼େଜା ଭାରତ ପକ୍ଷରୁ ୧୯୬ ଦିନିକିଆ ଖେଳି ୩୭.୪୭ ହାରରେ ୫୩୫୯ ରନ୍ କରିଛନ୍ତି। ଏଥିରେ ୬ ଶତକ ଓ ୩୦ ଅର୍ଦ୍ଧଶତକ ରହିଛି। ଏଥିସହ ୧୯୯୨ରୁ ୨୦୦୦ ମଧ୍ୟରେ ୧୫ ଟେଷ୍ଟ ମ୍ୟାଚ୍ ଖେଳି ୨୬.୧୮ ହାରରେ ୫୭୬ ରନ୍ କରିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ସଜାଗ ରହିବାକୁ ପରାମର୍ଶ

**କେନ୍ଦୁଝର, ନ୍ୟୁଜ୍**




ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, କେନ୍ଦୁଝରଙ୍କ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କେନ୍ଦୁଝର ସଦର ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ଅଧ୍ୟକ୍ଷତା କରିଥିଲେ। ଆଇଏଏସ ପ୍ରୋବେସନର ସୁଶ୍ରୀ ପ୍ରେକ୍ଷା ଅଗ୍ରୱାଲ ଉପସ୍ଥିତ ଥିଲା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଜେ. କଳ୍ପନା ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ୍ ଇକବଲ ସଭା ପରିଚାଳନା କରିଥିଲେ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ଅଗ୍ନିଶମ ଏବଂ ଏନଡିଆରଏଫର ଅଧିକାରୀ ଉପସ୍ଥିତ ରହି ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପୂର୍ବ ଏବଂ ପର ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ସମୟରେ ନିଜ ନିଜ ଉପରେ ନ୍ୟସ୍ତ ଥିବା ଦାୟିତ୍ୱ ଏବଂ ସେ ସମ୍ବନ୍ଧିତ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ବିପର୍ଯ୍ୟୟ ପୂର୍ବରୁ ପ୍ରାକ୍ ସୂଚନା ଲୋକଙ୍କ ପାଖରେ ପହଞ୍ଚାଇବା, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା, ଶୁଖିଲା ଖାଦ୍ୟ ଏବଂ ଅତ୍ୟାବଶକୀୟ ସାମଗ୍ରୀ ମହଜୁଦ ରଖିବା, ଶିଶୁ ଓ ମହିଳାଙ୍କୁ ବିଶେଷ ଧ୍ୟାନ ଦେବା, ପ୍ରାଣୀସମ୍ପଦର ସୁରକ୍ଷା ନେବା, ସ୍କୁଲଗୁଡିକକୁ ଆବଶ୍ୟକ ସ୍ଥଳେ ଅସ୍ଥାୟୀ ଆଶ୍ରୟସ୍ଥଳ କରାଯିବା, ସଂକ୍ରାମକ ରୋଗ ବ୍ୟାପିବାରୁ ଅଟକେଇବା ଲାଗି ପର୍ଯ୍ୟାପ୍ତ ଟୀକା ଓ ଔଷଧ ମହଜୁଦ ରଖିବା, ବିପର୍ଯ୍ୟୟ ପରବର୍ତ୍ତୀ କାଳରେ ବାଧାପ୍ରାପ୍ତ ବିଦ୍ୟୁତ ସରବରାହର ପୁନଃ ସ୍ଥାପନ ନିମନ୍ତେ ତ୍ୱରିତ ପଦକ୍ଷେପ ନେବା ଇତ୍ୟାଦି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସବିଶେଷ ଆଲୋଚନା ହୋଇଥିଲା। ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅଧିକାରୀ ସମ୍ପଦ କୁମାର ଦଳାଇ ବୈଠକରେ ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସବୁ ବିଭାଗ ନିଜ ନିଜ ଭିତରେ ସମନ୍ୱୟର ଯେକୌଣସି ବିପର୍ଯ୍ୟୟର ଉଚିତ ମୁକାବିଲା କରି ଧନଜୀବନ ହାନି ହେବାରୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ।

# ଯେ କୌଣସି ସମୟରେ ବିପର୍ଯ୍ୟୟ ଆସିପାରେ, ପୂର୍ବ ପ୍ରସ୍ତୁତି ହିଁ ସୁରକ୍ଷା ଦେବ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତୀୟ ପ୍ରସ୍ତୁତି ବା ମକ୍‌ଡ୍ରିଲ ର କାର୍ଯ୍ୟକାରିତା ଦିଗରେ ବିଭିନ୍ନ ବିଭାଗର ପଦକ୍ଷେପଗୁଡ଼ିକ କିଭଳି ଗ୍ରହଣ କରାଯାଇଛି ସେ ସମ୍ପର୍କରେ ଏକ ଆଲୋଚନା ଜିଲ୍ଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମଟିକୁ ଡେପୁଟି କଲେକ୍ଟର ତଥା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଆୟୁଷୀ ପତି ଅଧ୍ୟକ୍ଷତା କରି ଅବଗତ କରାଇଥିଲେ ଯେ, ବିପର୍ଯ୍ୟୟ ପୂର୍ବ ସୂଚନା ଦେଇ ଆସେ ନାହିଁ, ଯେ କୌଣସି ସମୟରେ ଏହା ଆସେ। ତେଣୁ ହଠାତ ଏହାର ମୁକାବିଲା ନିମନ୍ତେ ପୂର୍ବ ପ୍ରସ୍ତୁତି ହିଁ ଜନଜୀବନ ଓ ପଶୁ ସମ୍ପଦକୁ ବଞ୍ଚାଇଥାଏ। ବିପର୍ଯ୍ୟୟର ମୁକାବିଲା ସକାଶେ ପ୍ରତିଟି ବିଭାଗ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ କାର୍ଯ୍ୟକାରିତାର ମୁଖ୍ୟ ଭୂମିକା ଗ୍ରହଣ କରେ। ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଗଲେ ବିପର୍ଯ୍ୟୟର ମୁକାବିଲା ସହଜସାଧ ହେବ।



ପୂର୍ବ ପ୍ରସ୍ତୁତି ନିମନ୍ତେ ଯୁକ୍ତିଯୁକ୍ତ ଶିକ୍ଷା ଗ୍ରହଣ ବା ପ୍ରଶିକ୍ଷଣ ଗ୍ରହଣ କରିବା ଅପରିହାର୍ଯ୍ୟ ବାତ୍ୟା ହେଉ କିମ୍ବା ସୁନାମୀ ହେଉ କିମ୍ବା ଯେ କୌଣସି ମନୁଷ୍ୟକୃତ ବା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରକୁ ଉନ୍ନତି ଆଣି ସଶକ୍ତ କରିବା ହିଁ ଟେବୁଲ ଟାସ୍କ ଏକସରସାଇଜ ବିପର୍ଯ୍ୟୟର ପୂର୍ବପ୍ରସ୍ତୁତି, ବିପର୍ଯ୍ୟୟ ସମୟର ପ୍ରସ୍ତୁତି ଏବଂ ବିପର୍ଯ୍ୟୟର ପରପ୍ରସ୍ତୁତି କ'ଣ କରିବା ଆଉ କଣ କରିବା ନାହିଁ ସେ ସମ୍ପର୍କରେ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କୁ ପ୍ରାଞ୍ଜଳ ଭାବରେ ଅବଗତ କରାଯାଇଥିଲା।

# କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଟେବୁଟ ଟପ୍ ଏକ୍ସରସାଇଜ ବୈଠକ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓସ୍‌ଡମା ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ୧୯୯୯ ମହାବାତ୍ୟା ପରେ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ର ମୁକାବିଲା ପାଇଁ ବିପର୍ଯ୍ୟୟ ପରିଚାଳନା ଓ ପ୍ରସମନ ଉପରେ ଗୁରୁତ୍ୱାରୋପ କରିବା ସହିତ ବିପର୍ଯ୍ୟୟ ପରିଚାଳନା ଆଇନ ପ୍ରଣୟନ କରିଛନ୍ତି। ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରି ପାରିଲେ ବାତ୍ୟା, ବନ୍ୟା ତଥା ଅନ୍ୟାନ୍ୟ ବିପର୍ଯ୍ୟୟର ମୁକାବିଲା କରିବା ସହ ଧନ ଜୀବନ ହାନୀକୁ ରୋକାଯାଇ ପାରିବ। ଭୌଗୋଳିକ ଦୃଷ୍ଟିକୋଣରୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତ୍ୟେକ ବର୍ଷ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଏ। ଜିଲ୍ଲାର ୯ଟି ବ୍ଲକ ମଧ୍ୟରୁ ମହାକାଳପଡ଼ା, ରାଜନଗର ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହୋଇଥାଏ। ପ୍ରତିବର୍ଷ ପରି ଏ ବର୍ଷ ଜିଲ୍ଲା ସ୍ତରୀୟ ଟେବୁଟ ଟପ୍ ଏକ୍ସରସାଇଜ ବୈଠକ କରାଯାଇଛି। ବିପର୍ଯ୍ୟୟ ପରିଚାଳନା ଯୋଜନା ବିଷୟରେ ଅବଜେଟ ରହିବା, ପ୍ରତ୍ୟେକ ବିଭାଗର ସମନ୍ୱୟ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରିହେବ ବୋଲି ଉପସ୍ଥିତ ଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ହେବାକୁ ଥିବା ଅଞ୍ଚଳର ପୀଡ଼ିତ ଜନ ସାଧାରଣଙ୍କୁ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ସେବା ଯୋଗାଇ ଦେଲେ ଜନ ସାଧାରଣ ପ୍ରଶାସନ ଉପଲବ୍ଧି କରିପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ପ୍ରକାଶ କରିଥିଲେ। ଜରୁରୀ କାଳୀନ ସମୟରେ କାର୍ଯ୍ୟାଳୟ ୨୪ ଘଣ୍ଟା ଖୋଲିବାକୁ ବିଭାଗୀୟ ଅଧିକାରୀମାନେ ଆଗୁଆ ପଦକ୍ଷେପ ନେବେ ବୋଲି ବୈଠକକୁ ଅବଗତ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଆଶା, ଅଙ୍ଗନୱାଡି କର୍ମୀ, ଜନ ପ୍ରତିନିଧି, ବ୍ଲକ ପ୍ରଶାସନ ଏବଂ ପ୍ରତ୍ୟେକ ଲାଇନ ଡିପାଟମେଣ୍ଟ ମଧ୍ୟରେ ସମନ୍ୱୟ ରହିଲେ ଏହାର ସଫଳ ମୁକାବିଲା କରିହେବ। ଆୟୋଜିତ ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ

# ଚାଲିଛି ଟିକାକରଣ : ଡିପଥେରିଆ ସଂକ୍ରମଣ ପଛର କାରଣ ଖୋଜୁଛି ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ପରେ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ମାଡ଼ିଥିବା ଡିପଥେରିଆକୁ ରୋକିବାକୁ ଉଦ୍ୟମ ଆରମ୍ଭ କରିଛି ସ୍ୱାସ୍ଥ୍ୟ ବିଭାଗ। ଏଥିସହ ସଂକ୍ରମଣର କାରଣ ଖୋଜିବାକୁ ମଧ ଚେଷ୍ଟା କରାଯାଉଛି। ବର୍ତ୍ତମାନ ସୁଦ୍ଧା ୩ ଜିଲ୍ଲାରେ ୨୧ ଜଣ ଡିପଥେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ୫ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଜଣେ ଗୁରୁତର ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ରାୟଗଡାରୁ ୧୫ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ବନ୍ଧୁଗାଁରୁ ଜଣେ, କଳାହାଣ୍ଡିରୁ ୪ରୁ ୫ ଜଣ ସନ୍ଦିଗ୍ଧ ଡିପଥେରିଆ ଚିହ୍ନଟ ହୋଇଛନ୍ତି। ଧୀରେଧୀରେ ସଂକ୍ରମଣ ବ୍ୟାପୁଥିବାରୁ ବୁଧବାର ଠାରୁ ରାୟଗଡ଼ା କାଶୀପୁର ବ୍ଲକରେ ଆରମ୍ଭ ହୋଇଛି ଡିପଥେରିଆ ବୁଷ୍ଟର ଡୋଜ ଟିକାକରଣ। ମୁନୁଷପଦର ସମେତ ଅନ୍ୟ ୫ଟି ଗାଁରେ ସ୍ୱାସ୍ଥ୍ୟ




ବିଭାଗର ସ୍ୱତନ୍ତ୍ର ଟିମ୍ ଟିକାକରଣ କରୁଛନ୍ତି। ଆଦୌ ଡିପଥେରିଆ ଟିକା ନେଇ ନଥିବା ଶିଶୁଙ୍କୁ ଚିହ୍ନଟ କରାଯାଇ ଟିକା ଦିଆଯିବା ସହ ଅନ୍ୟ ବର୍ଗର ଲୋକଙ୍କୁ ବୁଷ୍ଟର ଡୋଜ ଦିଆଯାଉଛି। ସନ୍ଧ୍ୟା ସୁଦ୍ଧା ଏସବୁ ଗାଁରେ ଟିକାକରଣ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସଂପୂର୍ଣ୍ଣ କାଶୀପୁର ବ୍ଲକରେ ଏହି ବୁଷ୍ଟର ଡୋଜ ଟିକାକରଣ କରାଯିବ। ସ୍ୱତନ୍ତ୍ର ଟିମ୍ ଜରିଆରେ ଟିକାକରଣ ତ୍ୱରାନ୍ୱିତ ପାଇଁ ଯୋଜନା କରାଯାଉଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡାକ୍ତର ସଂଯୁକ୍ତା ସାହୁ ସୂଚନା ଦେଇଛନ୍ତି। ଗୋଟିଏ ପଟେ ଟିକାକରଣ ଚାଲିଥିବା ବେଳେ ଅନ୍ୟପଟେ ଡିପଥେରିଆ ସଂକ୍ରମଣ ପଛର କାରଣ ଖୋଜିବା ଆରମ୍ଭ କରିଛି ସ୍ୱାସ୍ଥ୍ୟ ବିଭାଗ। ଟିକାର ପ୍ରଭାବ ହ୍ରାସ ନା ଷ୍ଟ୍ରେନରେ ପରିବର୍ତ୍ତନ ଯୋଗୁ ସଂକ୍ରମଣ ବ୍ୟାପିଲା, ତା'ର କାରଣ ଜାଣିବାକୁ ଉଦ୍ୟମ ହେଉଛି। ଏଥିପାଇଁ ରୋଗୀଙ୍କ ଆଣ୍ଟିବଡି ପରୀକ୍ଷା ସହ ଡିପଥେରିଆ ବ୍ୟାକ୍ଟେରିଆର ଜିନମ ସିକ୍ୱେନ୍ସିଂ ପାଇଁ ନିଷ୍ପତ୍ତି ନେଇଛି ସ୍ୱାସ୍ଥ୍ୟ ବିଭାଗ। ଆଣ୍ଟି ବଡି ବା ରୋଗ ପ୍ରତିରୋଧ ଶକ୍ତିର ପରୀକ୍ଷା ପାଇଁ ରୋଗୀଙ୍କ ନମୁନା ଲ୍ୟାବକୁ ପଠାଯାଇଥିବା ବେଳେ ଜିନମ୍ ସିକ୍ୱେନସିଂ ପାଇଁ ଆଇଏଲ୍‌ଏସ୍ କିମ୍ବା ଆଇସିଏମ୍‌ଆରକୁ ନମୁନା ପଠାଯିବ ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର। ସେ କହିଛନ୍ତି, ଏବେ ରାଜ୍ୟରେ ଡିପଥେରିଆ ସ୍ଥିତି ନିୟନ୍ତ୍ରଣରେ ଅଛି। ନୂଆ ମାମଲା ସାମ୍ନାକୁ ଆସିନି। ପୂର୍ବଦିନ ଭଳି ସେହି ୨୧ଟି ମାମଲା ରହିଛି। ରାୟଗଡା ହସ୍ପିଟାଲରେ କେହି ରୋଗୀ ନାହାନ୍ତି। ସମସ୍ତେ ସୁସ୍ଥ ହୋଇ ଘରକୁ ଗଲେଣି। ଭବାନୀପାଟଣାରେ ଯେଉଁ ୫ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ୪ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଜଣେ କାଶୀପୁର ଯାଇଛନ୍ତି। ଡାକ୍ତରଖାନାରେ ଭର୍ତ୍ତି ୪ ଜଣଙ୍କ ମଧ୍ୟରୁ ଦୁଇ ଜଣ ଡିପଥେରିଆ ରୋଗୀ, ବାକି ୨ ଜଣ ସାଧାରଣ ଥଣ୍ଡା ଜ୍ୱରରେ ପୀଡ଼ିତ। ସଂକ୍ରମିତ ଜିଲ୍ଲାର ଆଖପାଖ ଜିଲ୍ଲାରେ ମଧ ଥଣ୍ଡା, ଜ୍ୱର ନେଇ ସର୍ଭେଲାନ୍ସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋରାପୁଟ ବନ୍ଧୁଗାଁର ରୋଗୀ ଏମକେସିଜି ମେଡିକାଲରେ ଭେଣ୍ଟିଲେଟରରେ ଅଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଜୁନ୍ ୨୦୨୪ ଗୁରୁବାର







ଭୁବନେଶ୍ୱର :ରାହୁଲ ଗାନ୍ଧୀଙ୍କ ଜନ୍ମଦିବସ ପାଳନ ଅବସରରେ କଂଗ୍ରେସ ଭବନରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର। (ଫଟୋ : ସମ୍ବାଦ କଳିକା)

# ୫୦ରୁ ଅଧିକ ହସ୍ପିଟାଲକୁ ବୋମାରେ ଉଡ଼ାଇବାକୁ ଧମକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀ ଦିଲ୍ଲୀ ପରେ ଏବେ ମୁମ୍ବାଇ ପାଳି। ମୁମ୍ବାଇର ଅନେକ ହସ୍ପିଟାଲକୁ ବୋମାରେ ଉଡାଇ ଦେବାକୁ ଧମକ ମିଳିଛି। ଏହାକୁ ନେଇ ଏବେ ପୁଲିସ ଆଲର୍ଟ ମୁଡ୍ରେ ରହିଛି। ବିଭିନ୍ନ ହସ୍ପିଟାଲର ଯାଞ୍ଚ କରାଯାଇଛି। ତେବେ ଡାକ୍ତରଖାନାରୁ ସେଭଳି କୌଣସି ସନ୍ଦେହଜନକ ଜିନିଷ ମିଳି ନାହିଁ। ସୂଚନା ମୁତାବକ, ମଙ୍ଗଳବାର ମୁମ୍ବାଇର ୫୦ରୁ ଅଧିକ ଡାକ୍ତରଖାନାକୁ ବୋମାରେ ଉଡାଇ ଦେବାକୁ ଧମକ ମିଳିଥିଲା। ଇ-ମେଲ୍ ଜରିଆରେ ଏହି ଧମକ ଆସିଥିଲା। ଭିପିଏନ୍ ନେଟୱର୍କ ବ୍ୟବହାର କରି ଧମକପୂର୍ଣ୍ଣ ଇମେଲ ପଠାଯାଇଛି। ତେବେ ଇମେଲ ପଠାଇଥିବା ବ୍ୟକ୍ତି ଏବଂ ଧମକର କାରଣ ଏଯାବତ ଜଣାପଡ଼ିନାହିଁ। ଭିପିଏନ୍ ନେଟୱର୍କ ପାଇଁ ଅଭିଯୁକ୍ତଙ୍କ ଯାଏ ପହଞ୍ଚିବା କଷ୍ଟକର ହୋଇଛି। ପୁଲିସ କହିବା ଅନୁସାରେ ସବୁ ଧମକପୂର୍ଣ୍ଣ ଇ-ମେଲ୍ ଗୋଟିଏ ଆଇଡି ଈରରଭକ୍ଷର.ଉକ୍ଟଜ୍ଞ ଆସିଥଇଲା। ଏହି ୱେବ୍‌ସାଇଟ୍ର ସର୍ଭୀ ସାରଇପ୍ରସ୍ରେ ଚିହ୍ନଟ ହୋଇଥିଲା। ହସ୍ପିଟାଲର ବେଡ୍ ଓ ବାଥରୁମ୍ରେ ବୋମା ରଖାଯାଇଥିବା ମେଲ୍ ଜରିଆରେ କୁହାଯାଇଥିଲା। ତେବେ ଯାଞ୍ଚ ପରେ ସେଭଳି କୌଣସି ସନ୍ଦିଗ୍ଧ ଜିନିଷ ମିଳିନାହିଁ। ଏହାପୂର୍ବରୁ ଦେଶର ୪୧ ବିମାନବନ୍ଦରକୁ ମଙ୍ଗଳବାର ବୋମା ଯୋଗେ ଉଡ଼ାଇ ଦେବାକୁ ଧମକପୂର୍ଣ୍ଣ ଇମେଲ ମିଳିଥିଲା। ଏହା ପରେ ସୁରକ୍ଷା ଏଜେନ୍ସିମାନଙ୍କ ଦ୍ୱାରା ଘଣ୍ଟା ଘଣ୍ଟା ଧରି ସର୍ଚ୍ଚ ଅପରେସନ କରାଯାଇଥିଲା। ହେଲେ ସବୁଗୁଡ଼ିକ ଗୁଜବ ବୋଲି ଜଣାପଡ଼ିଥିଲା।

# ହୃଦ୍‌ଘାତରେ ସାମ୍ବାଦିକଙ୍କ ଭ୍ରାତୃ ବିୟୋଗ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ସାନଭାଇ ପ୍ରମୋଦ କୁମାର ମହାନ୍ତିଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୫୧ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ନିକଟରେ ତାଙ୍କର ପତ୍ନୀ ଶର୍ମିଳା ଦାସ, ଭାଇ ପ୍ରଦିପ୍ତ କୁମାର ମହାନ୍ତି, ଭାଉଜ କଳ୍ପନା ମହାନ୍ତି, ଜୟନ୍ତୀ ମହାନ୍ତି, ପୁତୁରା ସୁଧାଂଶ ଶେଖର ମହାନ୍ତି, ଶାଳକ ଅଶୋକ କୁମାର ଦାସ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାନ୍ତି ଦୀର୍ଘଦିନ ଧରି ରାଜ୍ୟ ସଂଗ୍ରହାଳୟରେ ଗ୍ୟାଲେରୀ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ମହାମାରୀ କୋଭିଡ଼ର ପ୍ରଥମ ଲହରରେ ସେ ଆକ୍ରାନ୍ତ ହୋଇଥିଲେ। ଯାହାଫଳରେ ପକ୍ଷାଘାତ ରୋଗର ଶିକାର ହେବାରୁ ତାଙ୍କର ଡାହାଣ ହାତ ଓ ଗୋଡ଼ ଅଚଳ ହୋଇଯାଇଥିଲା। ସେ କାମ



କରିବାକୁ ଅକ୍ଷମ ହୋଇପଡ଼ିବା କାରଣରୁ ତାଙ୍କର ସହଧର୍ମିଣୀ ଶର୍ମିଳା ଦାସ ରାଜ୍ୟ ସଂଗ୍ରହାଳୟରେ ଗ୍ୟାଲେରୀ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ମଧ୍ୟାହ୍ନ ୧୨ ଘଟିକାରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଜରୁରୀ ସେବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଏହି ସମୟରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ମହାନ୍ତିଙ୍କର ଉତ୍ତମ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ତାଙ୍କର ବଡ଼ଭାଇ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଅନୁରୋଧ ପୂର୍ବକ ଦୃଷ୍ଟି ଆକର୍ଷଣ କରିବା ପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶର ଅନୁପାଳନ କ୍ଷେତ୍ରରେ ବିଳମ୍ବ ଯୋଗୁଁ ଶ୍ରୀ ମହାନ୍ତିଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ପରେ ତାଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ପୁତୁରା ଆଦିତ୍ୟ ମହାନ୍ତି ମୁଖାଗ୍ନି ଦେଇଥିଲେ। ଶ୍ରୀ ମହାନ୍ତିଙ୍କ ଅକାଳ ବିୟୋଗ ପରେ ସଂସ୍କୃତି ବିଭାଗ ପକ୍ଷରୁ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାଏ ଅନ୍ତିମ ସଂସ୍କାର ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ଜନଜାତି, ଅନୁସୂଚିତ ଜାତିଙ୍କ ବିକାଶ ତ୍ୱରାନ୍ୱିତ କରିବାକୁ ରୋଡ୍‌ମ୍ୟାପ ପ୍ରସ୍ତୁତ କର : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ନୂତନ ସରକାର କାର୍ଯ୍ୟ ଆରମ୍ଭ କରିବା ପରେ ମନ୍ତ୍ରୀମାନେ ବିଭାଗୀୟ ସମୀକ୍ଷା ଆରମ୍ଭ କରିଛନ୍ତି। ନୂତନ ଭାବରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ନିତ୍ୟାନନ୍ଦ ଗଣ୍ଡ ବିଭାଗୀୟ ସମୀକ୍ଷା ବୈଠକ କରିଛନ୍ତି। ମନ୍ତ୍ରୀଙ୍କୁ ଭେଟିଛନ୍ତି ବିଭାଗୀୟ ଅଧିକାରୀ। ବିଭାଗର କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁଙ୍କ ନେତୃତ୍ୱରେ ଅଧିକାରୀମାନେ ମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ସଚିବ ରୂପାରୋଶନ ବିଭାଗର ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ମନ୍ତ୍ରୀଙ୍କୁ ସଂକ୍ଷିପ୍ତରେ ଅବଗତ ମଧ କରାଇଥିଲେ।

ସମସ୍ତେ ମିଳିମିଶି ବିଭାଗର କାର୍ଯ୍ୟ



କରିବା ସହ ସକାରାତ୍ମକ ଭାବରେ କାର୍ଯ୍ୟ ସମ୍ପାଦନ କରିବାକୁ ମନ୍ତ୍ରୀ ନିତ୍ୟାନନ୍ଦ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସହ ଜନଜାତି, ଅନୁସୂଚିତ ଜାତି ତଥା ପଛୁଆବର୍ଗଙ୍କ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଦୂରଦର୍ଶୀ ଯୋଜନା ରୂପରେଖ ଦସ୍ତାବିଜ ପ୍ରସ୍ତୁତ କରିବାକୁ ମଧ ସେ ପରାମର୍ଶ ଦେଇଛନ୍ତି। ସାକ୍ଷାତକାର ସମୟରେ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ, ଓଡିଶା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଉନ୍ନୟନ ଆର୍ଥିକ ସମବାୟ ନିଗମର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ, ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗର ଅଧକ୍ଷ ସୀତାଂଶୁ ରାଉତ, ଅନୁସୂଚିତ ଜାତି କଲ୍ୟାଣ ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଓବିସି ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାସ, ବିତ୍ତ ପରାମର୍ଶଦାତା ଅକ୍ଷୟ କୁମାର ପାଙ୍ଗଯୋଷୀ, ଓପିଇଏଲଆଇପିର ପ୍ରକଳ୍ପ ନିର୍ଦ୍ଦେଶକ ନାରାୟଣ ଚନ୍ଦ୍ର ଧଳ, ଓଏସଏଫଡିସିର ଜେନେରାଲ ମ୍ୟାନେଜର ଇତିଶ୍ରୀ ଦାସ ତଥା ବିଭାଗୀୟ ପଦାଧୀକାରୀ ଉପସ୍ଥିତ ଥିଲେ। ତେବେ ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ମୋହନ ସରକାର ବିଭିନ୍ନ ମନ୍ତ୍ରୀମାନେ ଦାୟିତ୍ୱ ଗ୍ରହଣ କରିବା ପରେ ବିଭାଗୀୟ ତର୍ଜମା ଆରମ୍ଭ କରିଛନ୍ତି। ମଙ୍ଗଳବାର ଅବକାରୀ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ମଧ ବିଭାଗୀୟ ସମୀକ୍ଷା କରିଥିଲେ। ରାଜ୍ୟରେ ମାଦକଦ୍ରବ୍ୟ କାରବାର ଉପରେ ରୋକ ଲଗାଇବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପୂର୍ବରୁ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ ବିଭାଗୀୟ ସଚିବ ଭିନିଲକ୍ରିଷ୍ଣାଙ୍କ ସହ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରି ଭିତ୍ତିଭୂମି ତଦାରଖ କରିଥିଲେ।

# ରାଜ୍ୟରେ ବିନା ହେଲମେଟ୍‌ରେ ଗାଡ଼ି ଚାଳନା ବର୍ଷକରେ ଗଲାଣି ୧୭୬୯ ଜଣଙ୍କ ଜୀବନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ବିନା ହେଲମେଟର ଗାଡ଼ିଚାଳନା ଏକ ଗୁରୁତର ବ୍ୟାଧିରେ ପରିଣତ ହୋଇଛି ଏବଂ ଏଥିଯୋଗୁଁ ପ୍ରତିବର୍ଷ ହଜାର ହଜାର ଜୀବନ ଯାଉଛି। କେବଳ ୨୦୨୩ରେ ରାଜ୍ୟରେ ବିନା ହେଲମେଟରେ ଗାଡ଼ିଚାଳନା ଯୋଗୁ ୪୮୫୨ଟି ଛୋଟ ଓ ବଡ଼ ଦୁର୍ଘଟଣା ଘଟିଛି। ଏଥିରେ ୧୭୬୯ଜଣ ପ୍ରାଣ ହରାଇଛନ୍ତି। ହେଲମେଟ୍ ନ ପିନ୍ଧିବା ଯୋଗୁଁ ଦୁର୍ଘଟଣାରେ ଗାଡ଼ି ଚାଳକ ପ୍ରାଣ ହରାଇଛନ୍ତି। ରାଜ୍ୟରେ ବାଇକ୍ ଚାଳକ ହୁଅନ୍ତୁ କିମ୍ବା ବାଇକ ପଛରେ ବସୁଥିବା ବ୍ୟକ୍ତି ହେଲମେଟ୍ ପିନ୍ଧିବା ବାଧ୍ୟତା ମୂଳକ କରାଯାଇଛି। ନିୟମ ଭାଙ୍ଗି ବିନା ହେଲମେଟରେ ଗାଡ଼ି ଚଳାଉ ଥିବା ଚାଳକଙ୍କ ଉପରେ ମୋଟା ଅଙ୍କର ଜରିମାନା କଷୁଛି ପୁଲିସ ଓ ପରିବହନ ବିଭାଗ। ତଥାପି କିଛି ଅମାନିଆ ଚାଳକ ବିନା ହେଲମେଟ୍‌ରେ ଗାଡ଼ି ଚାଳନା କରୁଛନ୍ତି ଓ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଛନ୍ତି।

ଅନେକ କ୍ଷେତ୍ରରେ ଦୁର୍ଘଟଣା ଘଟିବା ପରେ ଦେଖାଯାଉଛି ଯେ ବିନା ହେଲମେଟରେ ଗାଡ଼ି ଚଳାଉଥିବା ଓ ବସୁଥିବା ଲୋକଙ୍କ ମୁଣ୍ଡ କିମ୍ବା ମୁହଁରେ ଗଭୀର ଆଘାତ ଲାଗିଛି। ଘଟଣା ସ୍ଥଳରେ କିଛି ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ କିଛି ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ଅନୁରୂପ ଭାବେ ବାଇକ୍ ପଛରେ ବସୁଥିବା ଆରୋହୀ ମାନେ ମଧ ହେଲମେଟ ନ ପିନ୍ଧିବା ଯୋଗୁଁ ପ୍ରାଣ ହରାଉଛନ୍ତି। ସେହିପରି ବାଇକ ଚାଳକମାନେ ନିଜର ସୁରକ୍ଷା ପାଇଁ ପିନ୍ଧୁଥିବା ହେଲମେଟରେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡର ଆଇଏସ୍ଆଇ ମାର୍କ ରହିବା ବାଧ୍ୟତାମୂଳକ କରାଯାଇ ଥିଲା। ଆଇଏସ୍ଆଇ ମାର୍କ ହେଲମେଟ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଆଇଏସ୍ଆଇ ମାର୍କ ଥିବା ହେଲମେଟ୍ ଦାମ୍ ଅଧିକ ଥିବାରୁ ବଜାରରେ ମିଳୁଥିବା ନିମ୍ନମାନର ହେଲମେଟ୍ କିଣୁଛନ୍ତି ବାଇକ୍ ଆରୋହୀ। ଯାହା ଆତ୍ମଘାତୀ ପାଲଟିଛି। ସାମାଜିକ ଗଣମାଧମରେ ଏସଟିଏ ପକ୍ଷରୁ କୁହାଯାଇଛି ଯେ ଦୁଇ ଚକିଆରେ ଯିବା ବେଳେ ଉଭୟ ଚାଳକ ଓ ଆରୋହୀ ହେଲମେଟ୍ ପିନ୍ଧିବା ଆବଶ୍ୟକ। ଏହା କେବଳ ଜରିମାନାରୁ ବଞ୍ଚିବା ପାଇଁ ନୁହେଁ, ଜୀବନ ବଞ୍ଚାଇବା ପାଇଁ ମଧ। ଦୁର୍ଘଟଣା ଅଚାନକ ଆସେ, କାହାକୁ ଆଗୁଆ ସୂଚନା ଦେଇ ନୁହେଁ। ତେଣୁ ନିଜ ଅମୂଲ୍ୟ ଜୀବନକୁ ନିଜ ଅବହେଳାରୁ ବିପଦରେ ପକାନ୍ତୁ ନାହିଁ।

# ବନ ବିଭାଗ ତରଫରୁ ଚଢ଼ଉ ଲକ୍ଷାଧିକ ଟଙ୍କାର କାଠ ଗଣ୍ଡି ସହ ସାମଗ୍ରୀ ଜବତ

**ଧର୍ମଗଡ଼, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କେଗାଁ ରେଞ୍ଜର ତୁମୁରା ଗ୍ରାମଠାରେ ସାଗୁଆନ କାଠ କାରବାର ଚାଲୁଥିବା କୌଣସି ସୂତ୍ରରୁ ଖବର ପାଇ ନୂଆପଡା ଜିଲ୍ଲାର ସିନାପାଲି ରେଞ୍ଜର ରେଞ୍ଜର ଜଗତାନନ୍ଦ ମଙ୍ଗରାଜ ଓ କଳାହାଣ୍ଡି ଜିଲ୍ଲାର କେଗାଁ ରେଞ୍ଜର ଚିନ୍ମୟଙ୍କୁ ଗଡ଼ତିଆ, ଡେପୁଟି ରେଞ୍ଜର ଗୌରଚନ୍ଦ୍ର ସାହୁଙ୍କ ସହ ଫରେଷ୍ଟର ରମେଶ ପଣ୍ଡା ମଧୁସୂଦନ ପଟେଲ ରୁଦ୍ର ପ୍ରସାଦ ଗହୀର ଜଜାତି କିଶୋର ବର୍ଗଡ଼ଙ୍କ ସହ ବହୁ କର୍ମଚାରୀ ସାମିଲ ହୋଇ ଦୁଇ ଟ୍ରାକ୍ଟର କାଠ ଜବତ କରି କେଗାଁ ରେଞ୍ଜ ଅଫିସ କୁ ନେଇଛନ୍ତି। ଏ ସଂକ୍ରାନ୍ତରେ ଦୁଇ ଜଣକୁ ଅଟକ ରଖି ତଦନ୍ତ ଚଳାଇଥିବା ସହ ଏହାର ଆନୁମାନିକ ମୂଲ୍ୟ ଆକଳନ ପରେ କୁହାଯାଇ ପାରିବ ବୋଲି କେଗାଁ ରେଞ୍ଜର ପ୍ରକାଶ କରିଛନ୍ତି।

# ନାଳନ୍ଦା କେବଳ ଗୋଟିଏ ନାଁ ନୁହେଁ ପରିଚୟ: ମୋଦି

**ପାଟନା**



ପୁରୁଣା ପରିଚୟ ଫେରି ପାଇବ 'ନାଳନ୍ଦା'। ବିଶ୍ୱପ୍ରସିଦ୍ଧ ବିହାରର ନାଳନ୍ଦା ବିଶ୍ୱବିଦ୍ୟାଳୟ ପୁନଃଦ୍ଧାର ସହ ନୂଆ କ୍ୟାମ୍ପସର ଉଦଘାଟନ କରିଛନ୍ତି ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୟାମ୍ପସ ପରିସରରେ ଗଛ ଲଗାଇଛନ୍ତି। ଏଥିସହ ମୋଦି ନାଳନ୍ଦା ବିଶ୍ୱ ବିଦ୍ୟାଳୟର ପ୍ରଶଂସା କରିଛନ୍ତି। ନାଳନ୍ଦା କେବଳ ଗୋଟିଏ ନାଁ ନୁହେଁ। ନାଳନ୍ଦା ହେଉଛି ଏକ ପରିଚୟ। ଏକ ସମ୍ମାନ। ନଳନ୍ଦାର ଏକ ମୂଲ୍ୟ, ମନ୍ତ୍ର, ଗର୍ବ, କାହାଣୀ ରହିଛି। ନାଳନ୍ଦା ହେଉଛି ସତ୍ୟର ଘୋଷଣା। ନିଆଁରେ ବହି ଜଳି ପାରିବ କିନ୍ତୁ ଜ୍ଞାନକୁ ନଷ୍ଟ କରିପାରିବ ନାହିଁ ନିଆଁ। ସେ ଆହୁରି କହିଛନ୍ତି, ଆମେ ସମସ୍ତେ ଜାଣୁ ଯେ ନାଳନ୍ଦା ଏକଦା ଭାରତର ପରମ୍ପରା ଏବଂ ପରିଚୟର ଜୀବନ୍ତ କେନ୍ଦ୍ର ଥିଲା। ଶିକ୍ଷାକୁ ନେଇ ଭାରତର ଏହା ହିଁ ଚିନ୍ତାଧାରା ଥିଲା। ଶିକ୍ଷା ଆମକୁ ଗଢ଼େ, ଆମକୁ ବିଚାର ଶକ୍ତି ପ୍ରଦାନ କରେ। ନାଳନ୍ଦାର ଏହି ନୂତନ କ୍ୟାମ୍ପସରେ ଆମକୁ ପୁଣି ଥରେ ସେହି ପ୍ରାଚୀନ ପ୍ରଣାଳୀକୁ ଅଧୁନିକ ରୂପରେ ମଜଭୁତ କରିବାକୁ ହେବ। ମୁଁ ଖୁସି ଯେ ଆଜି ବିଶ୍ୱର ଅନେକ ଦେଶରୁ ଅନେକ ଛାତ୍ର ଏଠାକୁ ଆସୁଛନ୍ତି। ଆମର ଗେ?ରବମୟ ଅଂଶ ସହିତ ନାଳନ୍ଦାର ଏକ ଦୃଢ଼ ସଂଯୋଗ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଜି ନୂଆ କ୍ୟାମ୍ପସ୍ ଉଦଘାଟନ କରିବା ସହ ନାଳନ୍ଦାର ଧ୍ୱଂସାବଶେଷକୁ ବୁଲି ଦେଖିଛନ୍ତି ପ୍ରଧାନମନ୍ତ୍ରୀ। ପୁରାତନ ନାଳନ୍ଦା ବିଶ୍ୱବିଦ୍ୟାଳୟ ଯେଉଁଠି ଥିଲା ସେହି ଅଞ୍ଚଳ ପାଖରେ ୪୫୫ ଏକର ଜମିରେ ୧୭୪୯ କୋଟି ଟଙ୍କା ବ୍ୟୟରେ ନୂଆ କ୍ୟାମ୍ପସ୍ ନିର୍ମାଣ ହୋଇଛି। ୪୦ କ୍ଲାସରୁମ୍ରେ ଏବେ ମୋଟ୍ ୧୮୯୦ ଛାତ୍ରଛାତ୍ରୀ ପାଠ ପଢ଼ିବେ। କ୍ୟାମ୍ପସରେ ଇଣ୍ଟରନ୍ୟାସନାଲ୍ ସେଣ୍ଟର୍ରେ ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏବେ ଯାଏଁ ୨୦ରୁ ଅଧିକ ରାଷ୍ଟ୍ରର ଅନେକ ଛାତ୍ରଛାତ୍ରୀ ନାଳନ୍ଦାରେ ଆଡମିଶନ୍ ନେଲେଣି। ବିଶେଷ ଭାବେ ଆମେରିକା, ଇଣ୍ଡୋନେସିଆ, ଭୁଟାନ, ଆର୍ଜେଣ୍ଟିନା, ଥାଇଲାଣ୍ଡ, ତୁର୍କି ଭଳି ଦେଶର ଛାତ୍ରଛାତ୍ରୀ ଏଥିରେ ରହିଛନ୍ତି। ସମ୍ପୂର୍ଣ୍ଣ କ୍ୟାମ୍ପସ୍ ନେଟ୍ ଜିରୋ ଏରିଆ ଅର୍ଥାତ ଗ୍ରୀନ ହାଉସ୍ ଇଫେକ୍ଟ ନଥିବା ଅଞ୍ଚଳ ଭାବେ ନିର୍ମାଣ କରାଯାଇଛି। ୪୫୫ ଏକର କ୍ୟାମ୍ପସର ୧୦୦ ଏକର ଜମିରେ ପୁଷ୍କରିଣୀ ତଥା ଜଳ ସଞ୍ଚୟ ପାଇଁ ବ୍ୟବସ୍ଥା ହୋଇଛି। ଉଦ୍ଘାଟନୀ ସମାରୋହରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର, ବିହାର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ଅରବିନ୍ଦ ପାନାଗରିଆ ଯୋଗ ଦେଇଥିଲେ। ଅଷ୍ଟ୍ରେଲିଆ, ବାଂଲାଦେଶ, ଭୁଟାନ, ବ୍ରୁନେଇ, ଦାରୁସଲାମ, କାମ୍ବୋଡିଆ, ଚୀନ୍, ଇଣ୍ଡୋନେସିଆ, ଲାଓସ୍, ମରିସସ୍, ମିଆଁମାର, ନ୍ୟୁଜିଲ୍ୟାଣ୍ଡ, ପର୍ତ୍ତୁଗାଲ, ସିଙ୍ଗାପୁର, ଦକ୍ଷିଣ କୋରିଆ, ଶ୍ରୀଲଙ୍କା, ଏବଂ ଭିଏତନାମ ସମେତ ସମୁଦାୟ ୧୭ ଟି ଦେଶରୁ ବିଦେଶୀ ଦୂତମାନେ ମଧ ଇଭେଣ୍ଟରେ ଉପସ୍ଥିତ ଥିଲେ। ୧୬୦୦ ବର୍ଷ ପୂର୍ବେ ବିହାରର ରାଜଗିରୀ ଜିଲ୍ଲାରେ ଥିବା ନାଳନ୍ଦା ବିଶ୍ୱବିଦ୍ୟାଳୟ ବିଶ୍ୱର ସବୁଠୁ ବଡ଼ ତଥା ଉନ୍ନତମାନର ବିଶ୍ୱବିଦ୍ୟାଳୟ ଥିଲା। ପରେ ବିଦେଶୀ ଶତ୍ରୁଙ୍କ ଆକ୍ରମଣ ଦ୍ୱାରା ସମ୍ପୂର୍ଣ୍ଣ ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ନଷ୍ଟ କରାଯାଇଥିଲା।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଧୁିପଦା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ବୁଧବାର ଜଣେ ବାଇକ୍ ଆରୋହୀଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ତୁରନ୍ତ ପୋଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଦୁର୍ଘଟଣା ପରେ ଲୋକେ ୩ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ସୂଚନା ଅନୁସାରେ ସକାଳ ପ୍ରାୟ ୯ଟା ସମୟରେ କାଳସୁଇ ଗ୍ରାମର ନରେନ୍ଦ୍ର ମହାନ୍ତ କେନ୍ଦୁଝରରୁ କାମସାରି ବାଇକ୍ ଯୋଗେ ଜାତୀୟ ରଣାପଥ ୨୦ ବାଟ ଦେଇ ଫେରୁଥିବା ସମୟରେ ଧୁିପଦା ଓଭର ବ୍ରିଜ ନିକଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଆଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଏହି ରାସ୍ତାରେ ହମ୍ପସ ନିର୍ମାଣ ପାଇଁ ଦାବି ହୋଇଥିଲା। ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହି ଛକ ନିକଟରେ ସିସିଟିଭି କ୍ୟାମେରା ଲଗାଇବା ସହ ଟ୍ରାଫିକ ପୋଲିସ ମୁତୟନ କରାଯିବା ଦାବିରେ ସ୍ଥାନୀୟ ଲୋକେ ମୃତ ଦେହ ଛାଡ଼ି ନଥିଲେ ଓ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ତିନି ଘଣ୍ଟା ଧରି ଶତାଧିକ ଗାଡ଼ି ଅଟକି ରହିଥିଲା। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ତଥା ତୁରନ୍ତ ଦାବି ପୂରଣ ପ୍ରତିଶ୍ରୁତି ଦେବା ପରେ ଦିନ ୧୨ ଟା ସମୟରେ ରାସ୍ତା ଅବରୋଧ ହଟିବା ସହ ଘଟଣା ସ୍ଥଳରୁ ମୃତ ଦେହ ଉଠିଥିଲା ଓ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି।



# ଦେଶରେ ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ସର୍ବକାଳୀନ ଉଚ୍ଚସ୍ତରରେ ପହଞ୍ଚିଛି

**କୋଚି**

ସମସ୍ତ ବୃହତ ରପ୍ତାନୀଯୁକ୍ତ ବଜାରରେ ପ୍ରତିଯୋଗିତା ସତ୍ତ୍ୱେ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ସର୍ବକାଳୀନ ଉଚ୍ଚସ୍ତରରେ ପହଞ୍ଚ ପାରିଛି। ୨୦୨୩- ୨୪ ଆର୍ଥିକ ବର୍ଷରେ ଭାରତରୁ ମୋଟ ୧୭,୮୧,୬୦୨ ମେଟ୍ରିକଟନ୍ ସାମୁଦ୍ରିକ ଖାଦ୍ୟ ରପ୍ତାନୀ କରାଯାଇଛି, ଯାହାର ମୂଲ୍ୟ ୬୦,୫୨୩.୮୯ କୋଟି ଟଙ୍କା (୭.୩୮ ବିଲିୟନ ଡଲାର) ଅଟେ। ଏହି ରପ୍ତାନୀ ମଧ୍ୟରେ ଉଭୟ ପରିମାଣ ଓ ମୂଲ୍ୟ ଦୃଷ୍ଟିରୁ ଶୀତଳକୃତ ଚିଙ୍ଗୁଡ଼ି ମୁଖ୍ୟ ପଦାର୍ଥ ଅଟେ ଏବଂ ଭାରତରୁ ଏହି ସାମୁଦ୍ରିକ ଦ୍ରବ୍ୟ ଆମଦାନିକାରୀ ରାଷ୍ଟ୍ର ରୂପେ ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ୍ ଅଗ୍ରଣୀ ରାଷ୍ଟ୍ର ଅଟନ୍ତି। ଏହି ଆର୍ଥିକ ବର୍ଷରେ ଏହି ରପ୍ତାନୀରେ ୨.୬୭ ପ୍ରତିଶତ ଉନ୍ନତି ପରିଲକ୍ଷିତ ହୋଇଛି। ଗତ ୨୦୨୨-୨୩ ବର୍ଷରେ ଭାରତରୁ ୬୩,୯୬୯.୧୪ କୋଟି ଟଙ୍କା ଅର୍ଥାତ୍ ୮,୦୯୪.୩୧ ମିଲିୟନ ଡଲାର ମୂଲ୍ୟର ୧୭,୩୫,୨୮୬ ମେଟ୍ରିକ୍ ଟନ ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ କରାଯାଇଥିଲା। ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷର ଅଧକ୍ଷ ଡି.ଭି. ସ୍ୱାମୀ, ଆଇ.ଏ.ଏସ୍ ଙ୍କ କହିବା ଅନୁଯାୟୀ ଆମେରିକା, ୟୁରୋପିୟନ ୟୁନିୟନ, ଇଂଲଣ୍ଡ ଭଳି ବୃହତ ରପ୍ତାନୀ ବଜାରରେ ଅନେକ ପ୍ରତିଦ୍ୱନ୍ଦିତା ସତ୍ତ୍ୱେ ଭାରତରୁ ୭.୩୮ ମିଲିୟନ ଡଲାର ମୂଲ୍ୟର ୧୭,୮୧,୬୦୨ ମେଟ୍ରିକ୍ ଟନ ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଏକ ସର୍ବକାଳୀନ ରେକର୍ଡ଼ ଅଟେ। ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ କ୍ଷେତ୍ରରେ ଶୀତଳିକୃତ ଚିଙ୍ଗୁଡ଼ିରୁ ସର୍ବାଧିକ ୪୦,୦୧୩.୫୪ କୋଟି ଟଙ୍କା (୪୮୮୧.୨୭ ମିଲିୟନ ଡଲାର) ମିଳିଥିବା ଯୋଗୁଁ ଏହା ରପ୍ତାନୀର ମୁଖ୍ୟ ଅଂଶ ଅଟେ ଏବଂ ଏହାର ଅଂଶଧନ ମୋଟ ପରିମାଣ ୪୦.୧୯ ପ୍ରତିଶତ ଏବଂ ଡଲାର ଆହରଣର ୬୬.୧୨ ପ୍ରତିଶତ ଅଟେ। ଏହି ୨୦୨୩-୨୪ ବର୍ଷରେ ଶୀତଳିକୃତ ଚିଙ୍ଗୁଡ଼ି ରପ୍ତାନୀ ୭,୧୬,୦୦୪ ମେଟ୍ରିକ୍‌ଟନ୍ ହୋଇପାରିଛି। ବିଶ୍ୱର ବିଭିନ୍ନ ବଜାର ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା ୨,୯୭,୫୭୧ ମେଟ୍ରିକ୍‌ଟନ୍, ଚିନ୍ ୧,୪୮,୪୮୩ ସମୟରେ ଚିଙ୍ଗୁଡ଼ି ରପ୍ତାନୀ ପରିମାଣ ୦.୬୯ ପ୍ରତିଶତ ବୃଦ୍ଧି ପାଇଛି। ମେଟ୍ରିକ୍‌ଟନ୍, ୟୁରୋପିୟନ ୟୁନିୟନ ୮୯,୬୯୭ ମେଟ୍ରିକ୍‌ଟନ୍, ଦକ୍ଷିଣପୂର୍ବ ଏସିଆ ୫୨,୨୫୪ ମେଟ୍ରିକ୍‌ଟନ୍, ଜାପାନ ୩୫,୯୦୬ ମେଟ୍ରିକ୍‌ଟନ୍ ଏବଂ ମଧ ପ୍ରାଚ୍ୟ ଦେଶ ମୋଟ ୨୮,୫୭୧ ମେଟ୍ରିକ୍‌ଟନ୍ ଶୀତଳିକୃତ ଚିଙ୍ଗୁଡ଼ି ସାମୁଦ୍ରିକ ଦ୍ରବ୍ୟ ଆମଦାନୀ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଟାଇଗର୍ ଚିଙ୍ଗୁଡ଼ି ରପ୍ତାନୀ ପରିମାଣ, ମୂଲ୍ୟ ଓ ଆମେରିକୀୟ ଡଲାର ମୂଲ୍ୟ ଯଥାକ୍ରମେ ୨୪.୯୧ ପ୍ରତିଶତ, ୧୧.୩୩ ପ୍ରତିଶତ ଏବଂ ୮.୨୮ ପ୍ରତିଶତ ହୋଇ ପାରିଛି। କଳା ଟାଇଗର ଚିଙ୍ଗୁଡ଼ି କ୍ଷେତ୍ରରେ ୩୮,୯୮୭ ମେଟ୍ରିକ୍ ଟନ ରପ୍ତାନୀ ହୋଇଥିବା ବେଳେ ଏହାର ମୂଲ୍ୟ ୨୮୫୫.୨୭ କୋଟି ଟଙ୍କା - (୩୪୭.୮୪ ମିଲିୟନ ଆମେରିକୀୟ ଡଲାର) ଅଟେ। ହଂକଂ ସମେତ ଚାଇନା ଟାଇଗର ଚିଙ୍ଗୁଡ଼ିର ମୁଖ୍ୟ ଆମଦାନୀକାରୀ ଦେଶ ବା ଲକ୍ଷ୍ୟସ୍ଥଳ ହିସାବରେ ଡଲାର ମୂଲ୍ୟରେ ଏହାର ଅଂଶ ୨୮.୪୩ ପ୍ରତିଶତ ଅଟେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସାର୍ବଜନୀନ ହେବ...

କରାଯାଇଥିଲେ ହେଁ ଏଯାଏ ମାମଲାର ଶୁଣାଣି ହୋଇ ନଥିଲା। ବୁଧବାର ପୁନଃ ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ କହିଥିଲେ ଯେ ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟ ବୈଠକ ଶେଷ ହୋଇଥିଲେ ହେଁ ସତ୍ୟପାଠ ଅନୁସାରେ ରିପୋର୍ଟ ସାର୍ବଜନୀନ କରାଯାଇ ନାହିଁ। ଏହାପରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଓକିଲଙ୍କୁ ଏନେଇ ପ୍ରଶ୍ନ କରିଥିଲେ। ଏହାର ଜବାବରେ ସରକାରୀ ଓକିଲ କହିଛନ୍ତି ଯେ ଆଗାମୀ କ୍ୟାବିନେଟ ବୈଠକରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାର କମିଶନ ରିପୋର୍ଟ ଉପସ୍ଥାପନ କରାଯିବ। ସରକାର ଦୁଇ ଥର ହାଇକୋର୍ଟଙ୍କୁ ରିପୋର୍ଟ ସାର୍ବଜନୀନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଆଗାମୀ ଦିନରେ କେଉଁ ପରିସ୍ଥିତିରେ ଚାବି ହଜିଥିଲା, ସେକଥା ପୂରା ରାଜ୍ୟବାସୀ ଜାଣିବାକୁ ସକ୍ଷମ ହେବେ। ରିପୋର୍ଟ ଆସିବା ପରେ ସମ୍ଭବତଃ ସରକାର କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି।

## ବଜେଟ ପ୍ରସ୍ତୁତି ପାଇଁ ...

ଇନଷ୍ଟାଗ୍ରାମ ଦ୍ୱାରା ମଧ ପଠାଇ ପାରିବେ। ଏହି ସୁବିଧା ୨୦ ଜୁନ ୨୦୨୪ ତାରିଖଠାରୁ ୫ ଜୁଲାଇ ୨୦୨୪ ପର୍ଯ୍ୟନ୍ତ ଉପଲବ୍ଧ ରହିବ।

## ବିରୋଧୀ ଦଳର ନେତା...

ନବୀନଙ୍କୁ ବିରୋଧୀ ସର୍ବ ସମ୍ମତ ଭାବେ ବିରୋଧି ଦଳ ନେତା ପଦ ପାଇଁ ନିର୍ବାଚିତ କରିଛନ୍ତି। ନିଜର ରାଜନୈତିକ କ୍ୟାରିୟରରେ ନବୀନ ପ୍ରଥମଥର ପାଇଁ ବିରୋଧୀ ଦଳର ନେତା ହୋଇଛନ୍ତି। କାରଣ ୨୦୦୦ ମସିହାରୁ ୨୦୨୪ ଯାଏ ସେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରି ଆସିଥିଲେ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ୫୧ ବିଧାୟକଙ୍କ ସହ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ପ୍ରମିଳା ମଲ୍ଲିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଔପଚାରିକ ଭାବରେ ବୈଠକ ଆରମ୍ଭ କରିଥିଲେ। ଏହି ଅବସରରେ ବିଜେଡି ବିଧାୟକ ଦଳ ନେତା ଭାବରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ନିର୍ବାଚିତ କରିବା ପାଇଁ ପ୍ରତାପ କେଶରୀ ଦେବ ପ୍ରସ୍ତାବ ଦେଇଥିଲେ ଓ ବିଧାୟକ ଡ଼. ଅରୁଣ କୁମାର ସାହୁ ଏହାକୁ ସମର୍ଥନ କରିଥିଲେ। ନବୀନଙ୍କୁ ବିଜେଡି ବିଧାୟକ ଦଳ ନେତା ଭାବରେ ନିର୍ବାଚିତ କରିବା ପାଇଁ ଏହି ପ୍ରସ୍ତାବକୁ ଦଳର ସମସ୍ତ ବିଧାୟକ ସମର୍ଥନ ପ୍ରଦାନ କରିଥିଲେ। ଏହି ଅବସରରେ ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ ବିଧାନସଭାରେ ବିଜେଡିର ଭୂମିକା ସମ୍ପର୍କରେ ବିଧାୟକମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟର ହିତ ନିମନ୍ତେ ତାଙ୍କ ଦଳ ଦ୍ୱାରା ଯାହା ସମ୍ଭବ ତାହା କରାଯିବ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ବିଧାନସଭାରେ ସ୍ୱର ଉଠାଇବ ବୋଲି ସେ କହିଛନ୍ତି। ତାଙ୍କୁ ବିଧାୟକ ଦଳ ନେତା ଭାବରେ ନିର୍ବାଚିତ କରିଥିବାରୁ ଶ୍ରୀ ପଟ୍ଟନାୟକ ବିଧାୟକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ବିଧାୟକ ବ୍ୟୋମକେଶ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରବଳ ଉତ୍ତାପ ହେତୁ ...

ହଜ୍ ଇସଲାମର ପାଞ୍ଚଟି ସ୍ତମ୍ଭ ମଧ୍ୟରୁ ଗୋଟିଏ ଏବଂ ସମସ୍ତ ମୁସଲମାନ ଏହାକୁ ଅନ୍ତତଃପକ୍ଷେ ଥରେ ସମ୍ପୂର୍ଣ୍ଣ କରିଥାନ୍ତି। ଗତ ମାସରେ ପ୍ରକାଶିତ ଏକ ସାଉଦି ଅଧ୍ୟୟନ ଅନୁଯାୟୀ, ତୀର୍ଥଯାତ୍ରା ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅଧିକ ପ୍ରଭାବିତ ହୋଇଛି। ସୋମବାର ମକ୍କାର ଗ୍ରାଣ୍ଡ ମସଜିଦରେ ତାପମାତ୍ରା ୫୧.୮ ଡିଗ୍ରୀ ସେଲସିୟସରେ ପହଞ୍ଚିଥିଲା ବୋଲି ସାଉଦି ଜାତୀୟ ପାଣିପାଗ କେନ୍ଦ୍ର କହିଛି।

## ବିଧାନସଭାରେ ଶପଥ ନେଲେ...

କାମଚଳା ବାଚସ୍ପତି। ବିଧାନସଭାରେ ଦୁଇଦିନରେ ସମସ୍ତ ୧୪୭ ବିଧାୟକ ଶପଥ ନେଇଛନ୍ତି। ଗୁରୁବାର ବିଧାନସଭାରେ ବିଧିବଦ୍ଧଭାବେ ନୂତନ ବାଚସ୍ପତି ନିର୍ବାଚନ ସମ୍ପର୍କରେ ଘୋଷଣା କରାଯିବ। ବୁଧବାର ଏହି ପଦ ପାଇଁ ବିଜେପିର ସର୍ବସମ୍ମତ ପ୍ରାର୍ଥୀଭାବେ ସୁରମା ପାଢୀଙ୍କ ନାମ ଚୟନ ପରେ ସେ ନାମାଙ୍କନ ଦାଖଲ କରିସାରିଥିବାରୁ ଗୁରୁବାର କେବଳ ତାଙ୍କ ନାମ ଗୃହରେ କାମଚଳା ବାଚସ୍ପତି ଘୋଷଣା କରିବେ।

OFFICE OF THE DIVISIONAL FOREST OFFICER, KHORDHA DIVISION MM-38
AT/PO/DIST – KHORDHA – 7502055
Email:- dfo.khordha@odisha.gov.in
INVITATION FOR BIDS THROUGH e-Procurement
Bid No. 01/2024-25

| | | | |
|---|---|---|---|
| 1. | Name of the Item | : | 1. Procurement and Installation of Arch shaped Bamboo Entrance Gate - One. 2. Procurement and Installation of Mushroom shape Treated Bamboo – 6 nos. 3. MS fabricated gate decorated with bamboo railing / design – 2 nos. 4. Annual Maintenance Charges for 1 year |
| 2. | Type of tender | : | Double Cover Tenders |
| 3. | Date and Time of availability of Bid documents in the portal | : | From 11.00 AM of dtd. 21.06.2024 to 05.00 PM of dtd. 28.06.2024. |
| 6. | Last date/Time for receipt of bids in the portal | : | Dt. 28.06.2024 up to 05.00 PM |
| 7. | Submission of Original documents (TP cost, EMD, Affidavit etc as per DTCN) | : | On or before 29.06.2024 up to 10.30 AM in the office of the undersigned during office hours. |
| 8. | Date of opening of Technical Bid through online | : | Dt. 29.06.2024 at 10.30 hrs in the office of the undersigned. |
| 9. | Date of opening of Financial Bid through online | : | Dt. 29.06.2024 at 11.30 hrs in the office of the undersigned. |
| 10. | Name & address of the O.I.T (Officer Inviting tender) | : | Divisional Forest Officer. Khordha Division, Khordha. |

Further details can be seen from the e-procurement portal https://tendersodisha.gov.in.
N.B. Subsequent corrigendum/addendum if required shall be available in the website as indicated above.
Sd/- Divisional Forest Officer
Khordha Division, Khordha
OIPR-08139/11/0002/2425

OFFICE OF THE NOTIFIED AREA COUNCIL, KUCHINDA C-60
Bid Reference No. - KCDA/NAC-1/2024-25
No: 813 /NAC Dt. 18.06.2024
It is hereby informed to all the concerned that the tenders for the work "Provision of Manpower for Watchman mali And caretaker services in NAC Kuchinda" invited from Firm/Entrepreneur/NGO/Private Company/Contractor. Further details can be seen from the e-procurement portal-www.tendersorissa.gov.in.
Sd/- Executive Officer
Notified Area Council, Kuchinda
OIPR-13121/11/0002/2425

ଭୁବନେଶ୍ୱର
୨୦ ଜୁନ୍
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

## ଶ୍ରୀମନ୍ଦିରରେ ପୁଣି ନୀତି ବିଭ୍ରାଟ

# ମଙ୍ଗଳ ଆଳତି ବିଳମ୍ବ : ସେବାୟତ ଓ ଭକ୍ତ ମହଲରେ ତୀବ୍ର ଅସନ୍ତୋଷ

**ପୁରୀ, ୧୯ା୦୬:ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ସ୍ନାନଯାତ୍ରା ଓ ଘୋଷଯାତ୍ରା ପାଖେଇଥିବା ବେଳେ ଏହାକୁ ଶୃଙ୍ଖଳାର ସହ ଶେଷ କରିବା ପାଇଁ ଘନଘନ ପ୍ରସ୍ତୁତି ବୈଠକ ଜାରି ରଖିଛି ଶ୍ରୀମନ୍ଦିର ପ୍ରଶାସନ। ମାତ୍ର ମନ୍ଦିର ମଧ୍ୟରେ ସେବାୟତ ଗୋଷ୍ଠୀ ମଧ୍ୟରେ ସମନ୍ୱୟର ଅଭାବ ଓ ବିବାଦ କାରଣରୁ ଶୃଙ୍ଖଳାରେ ଶେଷ ହୋଇପାରୁନି ଠାକୁରଙ୍କ ନୀତିକାନ୍ତି । ମଙ୍ଗଳବାର ରାତିରେ ନୀତି ବିଭ୍ରାଟ ଯୋଗୁଁ ବୁଧବାର ସକାଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ନୀତି ସମ୍ପନ୍ନ ହୋଇପାରିନି । ସୂଚନା ଅନୁଯାୟୀ ମଙ୍ଗଳବାର ମହାପ୍ରଭୁଙ୍କ ରୁକ୍ମିଣୀ ହରଣ ଏକାଦଶୀ



ଥିଲା। ଏହି ନୀତିରେ ମହାପ୍ରଭୁଙ୍କର ଦେବୀ ରୁକ୍ମିଣୀଙ୍କ ସହ ବିବାହ ନୀତି ଥିଲା। ଏଥିରେ ଦୁଇ ସେବାୟତ ସମ୍ପ୍ରଦାୟ ମଧ୍ୟରେ ବିବାଦ ଦେଖାଯାଇଥିଲା।

ସିଂହାରୀ ଓ ପୂଜାପଣ୍ଡା ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ସଠିକ ସମୟରେ ମହାପ୍ରଭୁଙ୍କ ବିବାହ ନୀତି ଅନୁଷ୍ଠିତ ହୋଇ ପାରିନଥିଲା। ଫଳରେ ନୀତିରେ ବିଭ୍ରାଟ ହେବା ସହ ପରବର୍ତ୍ତୀ ନୀତିକାନ୍ତି ମଧ୍ୟ ବିଳମ୍ବ ହୋଇଛି। ଯାହାର ପ୍ରଭାବ ବୁଧବାର ସକାଳୁ ଦେଖିବାକୁ ମିଳିଛି। ସକାଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ନୀତି ଅନୁଷ୍ଠିତ ହୋଇପାରିନାହିଁ। ନୀତି ବିଳମ୍ବିତ ହୋଇଛି। ଭୋର ୩ଟା ୧୫ରେ ସନ୍ଧ୍ୟାଧୂପ ପୂଜା ଅନୁଷ୍ଠିତ ହୋଇଛି। ଯାହାକି ମଙ୍ଗଳବାର ରାତି ୧୦ଟା ସୁଦ୍ଧା ଶେଷ ହେବା କଥା। ତେବେ ଏଭଳି ନୀତି ବିଳମ୍ବକୁ ନେଇ ଭକ୍ତ ଓ ସେବାୟତଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହେଇଛି। ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଦାବି ହୋଇଛି ।



ନୂଆଦିଲ୍ଲୀ : ରାଷ୍ଟ୍ରପତି ଭବନରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଭେଟି ତାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି।



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଟାଟା ଷ୍ଟିଲର ସିଇଓ ତଥା ଏମଡି ଟି.ଭି. ନରେନ୍ଦ୍ରନ୍। (ଫଟୋ : ସମ୍ବାଦକଳିକା)

## ବାଲେଶ୍ୱରରେ ୪ ଘଣ୍ଟା କୋହଳ ହେଲା କର୍ଫ୍ୟୁ

**ବାଲେଶ୍ୱର, ୧୯ା୦୬:ନ୍ୟୁଜ୍‌ବ୍ୟୁରୋ**

ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦରୁ ବାଲେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳରେ ଲାଗୁ ହୋଇଥିବା କର୍ଫ୍ୟୁ ଗୁରୁବାର ୪ ଘଣ୍ଟା ପାଇଁ କୋହଳ କରାଯିବ। ସ୍ଥିତିକୁ ଅନୁଧ୍ୟାନ କରି ଗୁରୁବାର ସକାଳ ୭ଟାରୁ ଦିନ ୧୧ଟା ଯାଏ କର୍ଫ୍ୟୁ କୋହଳ କରିବାକୁ ନିଷ୍ପତ୍ତି ନେଇଛି ଜିଲ୍ଲା ପ୍ରଶାସନ। ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ କରିପାରିବେ। ଏନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି।



# ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା : ୨୦୪୭ ସୁଦ୍ଧା ସିକଲ୍ ସେଲ୍ ମୁକ୍ତ ହେବ ଓଡ଼ିଶା

**ଭୁବନେଶ୍ୱର, ୧୯ା୦୬**
**ନ୍ୟୁଜ୍‌ବ୍ୟୁରୋ**

ବୁଧବାର 'ବିଶ୍ୱ ସିକଲ ସେଲ ରୋଗ ସଚେତନତା ଦିବସ' ପାଳିତ ହୋଇଯାଇଛି। ବୁଧବାରଠୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ୧୫ଦିନ ଧରି ରୋଗର ପରୀକ୍ଷା ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୁଧବାର ସୁନ୍ଦରଗଡ଼ରେ ରାଜ୍ୟସ୍ତରୀୟ ଓ ବିଭିନ୍ନ ଜିଲ୍ଲାରେ ଜିଲ୍ଲାସ୍ତରୀୟ ସିକିଲ ସେଲ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିପାଇଁ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ୨୦୪୭ ସୁଦ୍ଧା ସିକଲ ସେଲ ଦୂରୀକରଣ ଲକ୍ଷ୍ୟ ରଖିଛନ୍ତି ଓଡ଼ିଶା ସରକାର। ସିକଲ ସେଲ୍ ରୋଗକୁ ନେଇ ବିସ୍ତୃତ ରିପୋର୍ଟ ମିଳିଛି। ସିକିଲ ସେଲ ଏକ ଜେନେଟିକ ରୋଗ। ଏଥିରେ ଆକ୍ରାନ୍ତ ହେଲେ ବ୍ୟକ୍ତି ବା ଶିଶୁମାନଙ୍କୁ ରକ୍ତହୀନତାର ସମ୍ମୁଖୀନ ହେବାକୁ ପଡିଥାଏ। ଏହାର ଚିହ୍ନଟ ଓ



ନିରାକରଣ ପାଇଁ ସଚେତନତା ଜରୁରୀ। ସରକାରଙ୍କ ପକ୍ଷରୁ ୨୦୪୭ ମସିହା ସୁଦ୍ଧା ଏହି ରୋଗର ଦୂରୀକରଣ ଲକ୍ଷ୍ୟ ରହିଛି। ଏହି ରୋଗ ଆମ ରାଜ୍ୟରେ ବିଶେଷ କରି ଜନଜାତିବହୁଳ ଜିଲ୍ଲାଗୁଡିକ ସମେତ ପ୍ରାୟ ୨୧ଟି ଜିଲ୍ଲାରେ ଦେଖା ଦେଉଥିବା ଜଣାଯାଇଛି। ଏଥିପାଇଁ ବିଭିନ୍ନ ବିଭାଗ ଆଦିର ମିଳିତ ପ୍ରୟାସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଏ ନେଇ ଏକ ସମନ୍ୱୟ ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ ମଧ୍ୟ ଉପସ୍ଥିତ ଥିଲେ।

ବୁଧବାରଠୁ ସୁନ୍ଦରଗଡ଼ରେ ରାଜ୍ୟସ୍ତରୀୟ ସ୍କ୍ରିନିଂ ଓ ସଚେତନତା କାର୍ଯ୍ୟକ୍ରମ ଓ ଚିହ୍ନଟ ହୋଇଥିବା ଅନ୍ୟ ୨୦ଟି ଜିଲ୍ଲାରେ ଜିଲ୍ଲାସ୍ତରୀୟ ସ୍କ୍ରିନିଂ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ସିକଲ ସେଲ ରୋଗ ସମ୍ପର୍କରେ ସଚେତନତା ପାଇଁ ପ୍ରତ୍ୟେହ ବୈଦ୍ୟୁତିକ, ମୁଦ୍ରିତ ଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରଚାର ପ୍ରସାର ହେବ। ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରେ ପ୍ରଚାରପତ୍ର ଲଗାଯିବ। ବିଦ୍ୟାଳୟ, ମହାବିଦ୍ୟାଳୟ , ଡାକ୍ତରଖାନା, ଗବେଷଣା ପ୍ରତିଷ୍ଠାନ, ପାରା-ମେଡିକାଲ ସଂସ୍ଥା ସମେତ ଆଶା, ସ୍ୱାସ୍ଥ୍ୟକର୍ମୀ, ସ୍ୱେଚ୍ଛାସେବୀ ସଂଗଠନ, ବାୟୁବାହିତ ରୋଗ ନିୟନ୍ତ୍ରଣରେ ନିୟୋଜିତ ଅଧିକାରୀ, ଗ୍ରାମ ପଞ୍ଚାୟତଗୁଡିକର ସ୍ୱସ୍ଥ୍ୟ କମିଟିର ସକ୍ରିୟ ସହଯୋଗ ସହଯୋଗ ନିଆଯିବ। ବିଶେଷ କରି ଗର୍ଭବତୀ ମହିଳା ଓ ପ୍ରସୂତି ମା'ଙ୍କୁ ଏହି ରୋଗର କାରଣ ଓ ଲକ୍ଷଣ ସମ୍ପର୍କରେ ସଚେତନ କରାଯିବ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ପରୀକ୍ଷା ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଏ ସଂପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ପ୍ରକାଶ କରିଛନ୍ତି। ୧୫ଦିନ ଧରି ଏହି ସଚେତନତା କାର୍ଯ୍ୟକ୍ରମ ଅଭିଯାନ ହେବ। ଏଥିପାଇଁ ସମ୍ପୃକ୍ତ ବିଭାଗ ଓ ଜିଲ୍ଲାପାଳଙ୍କ ସହ ଆବଶ୍ୟକ ସମନ୍ୱୟ ଓ ଯୋଗାଯୋଗ କରାଯାଇଛି। ଏ ସଂପର୍କରେ ଏସ୍‌ଟି, ଏସ୍‌ସି ଉନ୍ନୟନ ବିଭାଗ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ ପ୍ରକାଶ କରିଛନ୍ତି। ସୁନ୍ଦରଗଡ଼ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ମେଗା ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୫୦୦୦ ଅଂଶଗ୍ରହଣକାରୀ ଯୋଗ ଦେବେ। ପ୍ରଭାବିତ ଅନ୍ୟ ସମସ୍ତ ଜିଲ୍ଲାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଶିବିରରେ ୫୦୦ ରୁ ୭୦୦ ଅଂଶଗ୍ରହଣକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ଶିକ୍ଷା ବିଭାଗର ନିର୍ଦ୍ଦେଶ : ନିଜ ସମ୍ପତ୍ତିର ସମସ୍ତ ବିବରଣୀ ଦେବେ ଶିକ୍ଷକ

**ନୂଆଦିଲ୍ଲୀ, ୧୯ା୦୬**

ଶିକ୍ଷକଙ୍କ ପାଇଁ ଜାରି ହୋଇଛି ନୂଆ ଗାଇଡ୍ ଲାଇନ। ଏବେ ଦେବାକୁ ପଡ଼ିବ ନିଜର ଗୋଟି ଗୋଟି ସମ୍ପତ୍ତିର ତାଲିକା। ଏନେଇ ଶିକ୍ଷା ବିଭାଗ ଏକ ନିର୍ଦ୍ଦେଶନାମା ଜାରି କରିଛି। ମାଧ୍ୟମିକ ଶିକ୍ଷକଙ୍କୁ ଏବେ ପଦୋନ୍ନତି ସେତେବେଳେ ମିଳିବ ଯେତେବେଳେ ସେ ନିଜ ସମ୍ପତ୍ତିର ସମସ୍ତ ବିବରଣୀ ସାର୍ବଜନୀନ କରିବେ। ସେମାନେ ତାଙ୍କର ଚଳ ଓ ଅଚଳ ସମ୍ପତ୍ତିର ସମସ୍ତ ବିବରଣୀ ସରକାରଙ୍କ ଦ୍ୱାରା ଏକ ପୋର୍ଟାଲରେ ସାର୍ବଜନୀନ କରିବାକୁ ପଡ଼ିବ। ଜୁନ ୩୦ ସୁଦ୍ଧା ନିଜର ତାଲିକା ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଶିକ୍ଷା ବିଭାଗ।



ସମ୍ପତ୍ତି ସାର୍ବଜନୀନ ନ କରିଥିବା ଶିକ୍ଷକଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯଦି କେହି ନିଜ ସମ୍ପତ୍ତି ଘୋଷଣା ନ କରନ୍ତି ତେବେ ତାଙ୍କ ବିଷୟରେ କମିଟିରେ ଆଲୋଚନା ହେବା ସହ ତାଙ୍କ ପଦୋନ୍ନତିକୁ ରଦ୍ଦ କରାଯିବ। ଉତ୍ତର ପ୍ରଦେଶର ମାଧ୍ୟମିକ ଶିକ୍ଷା ପରିଷଦ ଏହି ସୂଚନା ଜାରି କରିଛି। ସମସ୍ତ ଶିକ୍ଷକଙ୍କୁ ଜୁନ ୩୦ ସୁଦ୍ଧା ସମ୍ପତ୍ତିର ସମସ୍ତ ବିବରଣୀ ମାନବ ସମ୍ପଦ ପୋର୍ଟାଲରେ ଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

# ପାଖେଇ ଆସୁଛି ରଥଯାତ୍ରା; ବିଶ୍ୱନିୟନ୍ତାଙ୍କ ରଥ ନିର୍ମାଣରେ ବ୍ୟସ୍ତ ସେବକ

**ପୁରୀ, ୧୯ା୦୬:ନ୍ୟୁଜ୍‌ବ୍ୟୁରୋ**

ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଉଛନ୍ତି ରଥ ନିର୍ମାଣକାରୀ ସେବକ। ଅନୁକୂଳ ପୂଜା ପୂର୍ବକ ୩ ରଥର 'ଚାରି ନାହାକା' ଉଠି ରଥ ପାର୍ଶ୍ୱ ଦଣ୍ଡାମାନଙ୍କରେ ଗୁଜ, ଜଳଯନ୍ତ୍ର ଖଞ୍ଜାଯାଇ ଗୁଜ ଉପରେ ବିରାଡ଼ି ପଡ଼ିଛି। ଏଥିସହ ୩ ରଥର ଦୁଇଟି ଲେଖାଏଁ ପାର୍ଶ୍ୱ ଗୟଳ ସେଟିଂ କରାଯାଇଛି। ୩ ରଥରେ ପଡ଼ିଛି ଛନ୍ଦା ଗୟଳ। ରଥ ସମ୍ମୁଖ ଭାଗ ଏବଂ ପଛ ଭାଗରେ ଦୁଇଟି ଲେଖାଏଁ ବଡ ଛନ୍ଦା ଗୟଳ ପଡ଼ି ଦଉଡ଼ିରେ ବାନ୍ଧେଣୀ ପଡ଼ିଛି। କଣ୍ଟା ବସିବା ପୂର୍ବରୁ ପୋଲ ଗୟଳକୁ କ୍ରସ କରି ପଡ଼ିଥିବା ଛନ୍ଦା ଗୟଳର ସଂଯୋଗ ସ୍ଥାନରେ କାପ ଖୋଦେଇ ଜାରି ରହିଛି। ତିନି ରଥର ୧୬ଟି ଛନ୍ଦା ଗୟଳରୁ ୮ଟି ଛନ୍ଦା ଗୟଳର ଚଉପଟ ଶେଷ ହୋଇଛି।

୩ ରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ତିନି ରଥ ମହାରଣା ସେବକ ଏବଂ ଭୋଇ ସେବକମାନଙ୍କ ସାହଯୋଗରେ ୩ ରଥର ପ୍ରଥମ ଭୂଇଁ ଫ୍ରେମ ନିର୍ମାଣ ଶେଷ ହୋଇଅଛି। ଏଥିସହ ଭୂଇଁ ଫ୍ରେମର ବିଭିନ୍ନ ଅଂଶଗୁଡ଼ିକର ନମ୍ବରିଂ କାର୍ଯ୍ୟ ଶେଷ ହୋଇଛି। ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ୩ ରଥ ଚାଳିକୁ ଦୁଇଟି ଲେଖାଏଁ ଜଗତ ପୃଷ୍ଠ ସେଣୀ କାଠ ଯୋଗାଇ ଦେଇଛନ୍ତି।



ତିନି ରଥ ମହାରଣା ସେବକମାନେ ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିସହ ୩ ରଥ ଦୁଇଟି ଲେଖାଏଁ ଛନ୍ଦା ଗୟଳ ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ରଥ ଦ୍ୱାର ପାଇଁ ନାଟ ଗୋଡ଼ରେ ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ପାଇଁ ଭୂଇଁ ବିଡିଆ କଣ୍ଟା ନିର୍ମାଣ ଶେଷ କରି ପୋଟଳ କାଇଁ ଗୋଡ଼ି ଛାଲ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ପୁଣି ଲାଞ୍ଚ ନେଇ ଧରାପଡିଲେ ଆରଆଇ

**ଭୁବନେଶ୍ୱର, ୧୯ା୦୬:ନ୍ୟୁଜ୍‌ବ୍ୟୁରୋ**

ମୁହଁରେ ଲାଞ୍ଚ ଟଙ୍କା ଲାଗିଲା ପରେ ଭୁଲି ପାରୁନାହାନ୍ତି ଆରଆଇ ମନୋଜ ମହାନନ୍ଦ। ୨୦୨୨ରେ ଲାଞ୍ଚ ନେଇ ଧରାପଡିଥିଲେ। ସେହି ମାମଲା ଏବେ ବିଚାରାଧୀନ ଥିବା ବେଳେ ବୁଧବାର ପୁଣି ଥରେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ନାକଟିଦେଉଳ ତହସିଲ୍ ଡାଇଁଚ ଆରଆଇ ମନୋଜ ମହାନନ୍ଦ। ମିଳିଥିବା ସୂଚନା ମୁତାବକ ସମ୍ବଲପୁର ନାକଟିଦେଉଳ ତହସିଲର ଡଇଁଚାରେ ନିଯୁକ୍ତ ଆରଆଇ ମନୋଜ ମହାନନ୍ଦ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଇ ଧରାପଡିଛନ୍ତି। ମ୍ୟୁଟେସନ୍ ରିପୋର୍ଟ ତହସିଲଦାରଙ୍କୁ ପଠାଇବାକୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରା ପଡ଼ିଛନ୍ତି। ଲାଞ୍ଚ ନେଇ ଧରାପଡ଼ିବା ପରେ ଆରଆଇ ମନୋଜ ମହାନନ୍ଦଙ୍କ ଦୁଇଟି ଠିକଣାରେ ମଧ୍ୟ ଚଢ଼ଉ କରାଯାଇଛି। ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ତାଙ୍କର ଦୁଇଟି ଠିକଣାରେ ଚଢ଼ଉ କରାଯାଇଛି। ପୂର୍ବରୁ ଜମନକିରା ଆରଆଇ ଥିବାବେଳେ ୨୦୨୨ରେ ଲାଞ୍ଚ ନେଇ ଧରା ପଡ଼ିଥିଲେ ମନୋଜ ମହାନନ୍ଦ।

## ମନ୍ତ୍ରୀଙ୍କ ଉଚ୍ଚଶିକ୍ଷା ବିଭାଗ ପରିଦର୍ଶନ ଓ ବିଭାଗୀୟ କାର୍ଯ୍ୟ ସମୀକ୍ଷା

# ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବଢ଼ାଇବାକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୯ା୦୬:ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭାଗ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ ଉଚ୍ଚଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ଏହି ସମୀକ୍ଷା ବୈଠକ ବୁଧବାର ପୂର୍ବାହ୍ନ ୧୨ ଘଣ୍ଟାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରମୋଦ କୁମାର ମିଶ୍ର, ରମାକାନ୍ତ ନାୟକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, କଲେଜ, ୟୁନିଭରସିଟି ଓ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରିଥିଲେ। ଉଚ୍ଚଶିକ୍ଷାରେ ନୂତନ ଶିକ୍ଷା ନୀତିକୁ



ଆପଣେଇ ଏହାର ଗୁଣାତ୍ମକମାନ ବୃଦ୍ଧି ସହ ମେଧାବୀ ଓ ଗରିବ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ବୃତ୍ତି ରାଶି ବୃଦ୍ଧି, ବୈଷୟିକ ଜ୍ଞାନକୌଶଳ ଜରିଆରେ ଶୈକ୍ଷିକ ବ୍ୟବସ୍ଥାର ପରିଚାଳନା ଓ ପ୍ରୋତ୍ସାହନ ଯୋଗାଇଦେବାକୁ ଓଡ଼ିଶା ସରକାର ସଙ୍କଳ୍ପବଦ୍ଧ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ରାଜ୍ୟର ବିଭିନ୍ନ ସରକାରୀ, ବେସରକାରୀ, ଅନୁଦାନ ପ୍ରାପ୍ତ ତଥା ବ୍ଲକଗ୍ରାଣ୍ଟ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡିକର କାର୍ଯ୍ୟାବଳୀ ଓ ସମସ୍ୟା ବିଷୟରେ ଅବଗତ ହୋଇଥିଲେ ଏବଂ ଏହାର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଆସନ୍ତା ୨୧ ତାରିଖ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାଜ୍ୟର ବିଭିନ୍ନ କଲେଜରେ ଯୋଗ ଶିବିରର ଆୟୋଜନ କରାଯାଉଛି । ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆସନ୍ତା ଶହେ ଦିନର କାର୍ଯ୍ୟ ଖସଡା ପ୍ରସ୍ତୁତ କରି ତାହାକୁ କାର୍ଯ୍ୟରେ ରୂପାନ୍ତର କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ଥିବା ସମସ୍ତ କଲେଜଗୁଡିକରେ ମୌଳିକ ଭିତ୍ତିଭୂମିର ଅଭାବ ରହିବ ନାହିଁ ଓ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରଣିତ ସମସ୍ତ ଯୋଜନାର ସୁଫଳ ଛାତ୍ରଛାତ୍ରୀ ବିଶେଷ କରି ଗରିବ ମେଧାବୀ ଛାତ୍ରଛାତ୍ରୀ କିପରି ପାଇ ପାରିବେ ସେଥିପାଇଁ ଯତ୍ନବାନ ହେବାକୁ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ କହିଥିଲେ। ବୈଠକରେ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବିକାଶ ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ନିର୍ଦ୍ଦେଶ



**ବାରଙ୍ଗ, ୧୯ା୦୬:ନ୍ୟୁଜ୍‌ବ୍ୟୁରୋ**

ପ୍ରାଣୀଉଦ୍ୟାନ ନନ୍ଦନକାନନ ଅନୁଧ୍ୟାନ କଲେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ ନିଯୁକ୍ତି, ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ନୂତନ ସରକାର ଗଠନ ହେବାପରେ ଜଙ୍ଗଲ ମନ୍ତ୍ରୀ ଭାବେ ଶପଥ ନେବା ପରେ ଶ୍ରୀ ଖୁଣ୍ଟିଆ ପ୍ରଥମ କରି ନନ୍ଦନକାନନ ଗସ୍ତରେ ଆସିଥିଲେ। ନନ୍ଦନକାନନର ପ୍ରାଣୀ ଚିକିତ୍ସାଳୟ, କଲରାପତରିଆ ବାଘ ଖୁଆଡ, କଳା ଲୋମଯୁକ୍ତ ବାଘ (ମେଲାନିଷ୍ଟିକ) ଖୁଆଡ, ଜିରାଫ ଖୁଆଡ, ହୁଲକ ଗିବନ ଖୁଆଡ ଆଦି ବୁଲି ଜନ୍ତୁମାନଙ୍କ ରହଣୀ, ଖାଦ୍ୟପେୟ ଏବଂ ସେମାନଙ୍କ ଯତ୍ନ ବିଷୟରେ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଏଥିସହ ନନ୍ଦନକାନନରେ ଚାଲୁଥିବା ବିଭିନ୍ନ କାର୍ଯ୍ୟ ଏବଂ ଏହାର ବିକାଶ ଉପରେ ଆଲୋଚନା କରିଥିଲେ। ନନ୍ଦନକାନନ କିପରି ବିଶ୍ୱ ସ୍ତରୀୟ ହେବ ସେ ନେଇ ବିଭିନ୍ନ ଦିଗପ୍ରତି ଆଲୋଚନା କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ, ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି. ନାୟାର, ନନ୍ଦନକାନନ ଉପ ନିର୍ଦ୍ଦେଶକ ସନତ କୁମାର ନାରାୟଣ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପ୍ରକାଶ ପାଇଲା ଓଏସ୍‌ଏସ୍‌ଟିଇଟି ରେଜଲ୍ଟ

**ଭୁବନେଶ୍ୱର, ୧୯ା୦୬:ନ୍ୟୁଜ୍‌ବ୍ୟୁରୋ**

ପ୍ରକାଶ ପାଇଲା ଓଡ଼ିଶା ସେକେଣ୍ଡାରୀ ସ୍କୁଲ୍ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍‌ଏସ୍‌ଟିଇଟି) ଫଳ। www.bseodisha.ac.in ରେ ରେଜଲ୍ଟ ଉପଲବ୍ଧ ଅଛି। ୱେବ୍‌ସାଇଟରୁ ପରୀକ୍ଷାର୍ଥୀ ପରୀକ୍ଷା ଫଳ ଦେଖିବା ସହ ଡିଜିଟାଲ ସାର୍ଟିଫିକେଟ ପାଇପାରିବେ। ସୂଚନାଯୋଗ୍ୟ ଚଳିତ ବର୍ଷ ଜାନୁଆରୀ ୧୯ ତାରିଖରେ ଓଏସ୍‌ଏସ୍‌ଟିଇଟି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ୧୬୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ୪୭ ହଜାର ୭୮୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

## କାଳ ସାଜୁଛି ମୁକୁଳା ଡ୍ରେନ୍ : ୯ବର୍ଷରେ ଗଲାଣି ୮ଜଣଙ୍କ ଜୀବନ

**ଭୁବନେଶ୍ୱର, ୧୯ା୦୬:ନ୍ୟୁଜ୍‌ବ୍ୟୁରୋ**

ସ୍ମାର୍ଟସିଟି ଭୁବନେଶ୍ୱରବାସୀଙ୍କ ପାଇଁ କାଳ ସାଜୁଛି ମୁକୁଳା ଡ୍ରେନ୍। ସହରର ବିପର୍ଯ୍ୟସ୍ତ ଡ୍ରେନ୍ ବ୍ୟବସ୍ଥା ପାଇଁ ମୃତ୍ୟୁର କରାଳ ଆଁରେ ଚାଲିଯାଉଛି ଗୋଟିଏ ପରେ ଗୋଟିଏ ଅମୂଲ୍ୟ ଜୀବନ। ମଙ୍ଗଳବାର ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ବିଏମ୍‌ସିର ବିଫଳତା ପାଇଁ ବାରମ୍ବାର ଏଭଳି ଅଘଟଣ ଘଟୁଥିବାବେଳେ କର୍ତ୍ତୃପକ୍ଷ ନିଦା ବିଷ୍ଣୁ ସାଜିଥିବା ମନେହେଉଛି। ଫଳରେ ଡ୍ରେନ୍‌ରେ ପଡ଼ି ଗତ ୯ବର୍ଷରେ ୮ଜଣଙ୍କ ଜୀବନ ଗଲାଣି। ଡ୍ରେନ ନିର୍ମାଣ ଠାରୁ ଆରମ୍ଭ କରି ଡ୍ରେନ ସଫା ପର୍ଯ୍ୟନ୍ତ ବିଏମ୍‌ସି ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛି। ମାତ୍ର ଅଧିକାଂଶ ଡ୍ରେନ ମୁକୁଳା ପଡ଼ିଥିବାବେଳେ ଆଉ କେତେକ ସ୍ଥାନରେ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଅପରପକ୍ଷେ ସମସ୍ତ ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ବାଧ୍ୟତାମୂଳକ ବୋଲି ପୂର୍ବରୁ ସୁପ୍ରିମକୋର୍ଟ ଏକ ରାୟରେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବିଏମ୍‌ସି ଏହାକୁ ପାଳନ କରୁନାହିଁ। ସେହିପରି ମୁକୁଳା ଡ୍ରେନ୍ ଗୋଟିଏ ପରେ ଗୋଟିଏ ଜୀବନ ନେଉଥିଲେ ମଧ୍ୟ ବିଏମ୍‌ସି କର୍ତ୍ତୃପକ୍ଷ ଚେତୁ ନାହାନ୍ତି। ବିଶେଷକରି ବର୍ଷାଦିନ ପୂର୍ବରୁ ଡ୍ରେନ୍ ସଫା କାମ ନ ସାରିବା, ସଫା ପରେ ସମ୍ପୃକ୍ତ ଡ୍ରେନ୍‌ରେ ତୁରନ୍ତ ଘୋଡ଼ଣୀ ନ ପକାଇବା, ଅଧିକାଂଶ ଡ୍ରେନ୍ ମୁକୁଳା ପଡ଼ିଥିବାବେଳେ ସେଥିରେ ସ୍ଲାବ ନ ପକାଇବା କିମ୍ବା ସତର୍କତାମୂଳକ ବାଉଁଶ ବ୍ୟାରିକେଡ୍ ବା ସତର୍କ ସୂଚନା ଫଳକ ନ ଲଗାଇବା କାରଣରୁ ବାରମ୍ବାର ଏଭଳି ଅଘଟଣ ଘଟି ଚାଲିଛି। ସହରରେ ୭୭କି.ମି.ର ୧୦ଟି ମୁଖ୍ୟ ଡ୍ରେନ୍ ରହିଥିବା ବେଳେ ୯୨୪.୨୭କି.ମି ଆଭ୍ୟନ୍ତରୀଣ ବା ଶାଖା ଡ୍ରେନ୍ ରହିଛି। ପ୍ରତିବର୍ଷ ନୂଆ ଡ୍ରେନ ନିର୍ମାଣ, ପୁନରୁଦ୍ଧାର ଓ ମରାମତି ବାବଦକୁ ବିଏମ୍‌ସି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏକାଧିକ ଏଜେନ୍ସି ଲଗାଇ କାମ କରାଉଛି। ଖରା କିମ୍ବା ଶୀତ ଦିନେ ଡ୍ରେନ୍ କାମ ନ ହୋଇ ବର୍ଷା ଆରମ୍ଭରୁ କାମ କରାଯାଉଛି। ଫଳରେ ଅଧିକାଂଶ ଅଞ୍ଚଳରେ ଅଧାପନ୍ତରିଆ ସଫେଇ କାମ ସହ ଡ୍ରେନ୍ ମୁକୁଳା ପକାଇ ଠିକାଦାର ଚାଲିଯାଉଛନ୍ତି।

# ଅସ୍ଥିରତା ଓ ଗୃହଯୁଦ୍ଧ ଯୋଗୁ ଦାରିଦ୍ର୍ୟରେ ସଢ଼ୁଛନ୍ତି ୧୦ ଦେଶ

**ନୂଆଦିଲ୍ଲୀ, ୧୯ା୦୬**

ବିଶ୍ୱ ୨୦୨୪ରେ ପହଞ୍ଚିଛି। ଅନେକ ରାଷ୍ଟ୍ର ଅର୍ଥନୈତିକ, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଦ୍ରୁତ ଗତିରେ ଆଗେଇ ଚାଲିଛନ୍ତି। ନୂଆ ନୂଆ ଆବିଷ୍କାର ଓ ଉଦ୍ଭାବନ କରିବାରେ ଲାଗିଛନ୍ତି ଅନେକ ଦେଶ। ହେଲେ ଏବେବି ବିଶ୍ୱରେ ଏଭଳି ଅନେକ ଦେଶ ରହିଛି ଯେଉଁଠି ଲୋକମାନେ ଆର୍ଥିକ ସ୍ଥିତିରେ ଅନଗ୍ରସର ହୋଇ ରହିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ସବୁ କ୍ଷେତ୍ରରେ ପଛୁଆ ହୋଇ ରହିଛନ୍ତି। ଦାରିଦ୍ର୍ୟ, ଅସ୍ୱାକ୍ଷରତା, ନିମ୍ନ ସ୍ୱାସ୍ଥ୍ୟ ସେବା ସହ ଏବେବି ଏହି ଦେଶର ଲୋକମାନେ ସଂଘର୍ଷ କରୁଛନ୍ତି। ଏଭଳି ଅନେକ ଦେଶ ରହିଛି ଯେଉଁଠି ଲୋକମାନଙ୍କ ମୁଣ୍ଡପିଛା ଆୟ ୧୦୦ ଟଙ୍କାରୁ କମ୍। ଦେଶର ବିଶ୍ୱର ସବୁଠୁ ଗରିବ ଦେଶମାନଙ୍କ ମଧ୍ୟରୁ ସାଉଥ ସୁଦାନ ୨୦୨୪ରେ ଗରିବ ରାଷ୍ଟ୍ର ତାଲିକାରେ ପ୍ରଥମ ସ୍ଥାନରେ ରହିଛି। ଏହି ଦେଶ ଦାରିଦ୍ର୍ୟ, ଆର୍ଥିକ ଅନଗ୍ରସର ସହ ଯୁଝି ହୋଇ ଆସୁଛି। ଗରିବ ରାଷ୍ଟ୍ର ସହ ଗୃହ ବିବାଦ ନେଇ ସଂଗ୍ରାମ କରୁଛି ଏହି ଦେଶ। ସୀମିତ ଭିତ୍ତିଭୂମି ତଥା ତୈଳ ରାଜସ୍ୱ ଉପରେ ଏହି ଦେଶ ନିର୍ଭର କରୁଛି। ଗରିବ ରାଷ୍ଟ୍ର ତାଲିକାର ଦ୍ୱିତୀୟରେ ରହିଛି ପୂର୍ବ ଆଫ୍ରିକୀୟ ଦେଶ ବୁରୁଣ୍ଡି। ଏହି ଦେଶର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାଏ। ଏହି ଦେଶର ଜନସଂଖ୍ୟା ୩୦ ପ୍ରତିଶତ ଲୋକ ମୁଖ୍ୟତଃ କୃଷି କାର୍ଯ୍ୟ ଉପରେ



ନିର୍ଭରଶୀଳ। ରାଜନୈତିକ ଅସ୍ଥିରତା ଓ ଜାତିଗତ ତିକ୍ତତା ଏହି ଦେଶରେ ଅର୍ଥନୈତିକ ବିକାଶରେ ବାଧା ସୃଷ୍ଟି କରୁଛି। ଖଣିଜ ସମ୍ପଦରେ ଭରପୁର ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ ଦେଶ। ହୀରା, ସୁନା ଭଳି ଦାମି ଖଣିଜ ସମ୍ପଦରେ ଭରପୁର ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ। ହେଲେ ବର୍ଷ ବର୍ଷ ଧରି ଏଠାକାର ନାଗରିକ ଦାରିଦ୍ର୍ୟ ସୀମାରେଖା ତଳେ ରହି ଆସୁଛନ୍ତି। ଦଶନ୍ଧି ଧରି ଏହି ଦେଶ ଦାରିଦ୍ର୍ୟ, ଅସ୍ଥିରତା ଓ ଅବ୍ୟବସ୍ଥା ସହ ସଂଗ୍ରାମ ଜାରି ରଖିଛି। କଙ୍ଗୋ ପ୍ରାକୃତିକ ସମ୍ପଦରେ ଭରପୁର ଥିଲେ ମଧ୍ୟ ଆର୍ଥିକ ଅଭିବୃଦ୍ଧି ସହ ସଂଘର୍ଷ କରି ଆସୁଛି। ଦଶନ୍ଧୀ ଧରି ବିବାଦ, ଦୁର୍ନୀତି ଓ ଅବ୍ୟବସ୍ଥା ଯୋଗୁ ଦେଶ ଗରିବ ସୀମାରେଖା ତଳେ ରହି ଆସୁଛି। ବିଶ୍ୱର ଗରିବ ରାଷ୍ଟ୍ରର ତାଲିକାରେ ଆଉ ଏକ ନାଁ ହେଉଛି ମୋଜାମ୍ବିକ୍। ନିରକ୍ଷରତା, ଦୁର୍ବଳ ଭିତ୍ତିଭୂମି ଓ ପ୍ରାକୃତିକ ବିପର୍ଯ୍ୟୟ ଏହି ଦେଶର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବାଧକ ସାଜୁଛି। ନିକଟ ଅତୀତରେ ଦେଶ ଅଗ୍ରଗତିର ରାସ୍ତାକୁ ଆସୁଥିବା ବେଳେ ବିଶେଷ କରି ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ବୃଦ୍ଧି ପାଇଛି । ମଲାୱିର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଏଠାକାର ଅଧିକାଂଶ ଲୋକ ଚାଷ କାର୍ଯ୍ୟ କରି ଜୀବିକା ପ୍ରତିପୋଷଣ କରିଥାନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି କ୍ଷେତ୍ରରେ ଦୁର୍ବଳ ହେତୁ ଦେଶରେ ଦାରିଦ୍ରତା ବୃଦ୍ଧି ପାଇବାରେ ଲାଗିଛି। ଗରିବ ରାଷ୍ଟ୍ର ମଧ୍ୟରେ ନାଇଜର ସ୍ଥାନ ସପ୍ତମରେ ରହିଛି। ଖାଦ୍ୟ ଅଭାବ, ଶିକ୍ଷା କ୍ଷେତ୍ରରେ ଦୁର୍ବଳତା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସହ ସଂଘର୍ଷ କରୁଛି ନାଇଜର। ଏହାର ଅର୍ଥନୀତି ମଧ୍ୟ କୃଷି ଉପରେ ନିର୍ଭରଶୀଳ। କେନ୍ଦ୍ର ଆଫ୍ରିକୀୟ ଦେଶ ଚାଡର ଅର୍ଥନୀତି ମୁଖ୍ୟତଃ ତୈଳ ରପ୍ତାନୀ ଉପରେ ନିର୍ଭରଶୀଳ। ହେଲେ ରାଜନୈତିକ ଅସ୍ଥିରତା, ଜାତିଗତ ତିକ୍ତତା ଓ ଅବିକଶିତ ଭିତ୍ତିଭୂମି ଦାରିଦ୍ରତାର ମୁଖ୍ୟ କାରଣ। ଲାଇବେରିଆ ଲୁହାପଥର ଓ ରବରର ପ୍ରାକୃତିକ ଗନ୍ତାଘର ଭାବେ ଜଣାଶୁଣା । ହେଲେ ଦୁର୍ନୀତି, ଗୃହଯୁଦ୍ଧ ଯୋଗୁ ଏହି ଦେଶ ଏବେବି ଗରିବ ସୀମାରେଖା ତଳେ ରହିଛି। ପୂର୍ବ ଆଫ୍ରିକୀୟ ଦେଶ ମାଦଗାସ୍କର ବିଶ୍ୱର ଗରିବ ରାଷ୍ଟ୍ର ତାଲିକାରେ ୧୦ ନମ୍ବରରେ ରହିଛି। ଏହାର ଅର୍ଥନୀତି ମୁଖ୍ୟତଃ କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ। ରାଜନୈତିକ ଅସ୍ଥିରତା, ବାତ୍ୟା, ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ଏହି ଦେଶର ଗରିବୀ ପାଇଁ ମୁଖ୍ୟତଃ ଦାୟୀ ।